
# ଉନ୍ନତ ଗୋ-ପାଳନ



ସମ୍ବାଦ ସରବରାହ ସଂସ୍ଥା, ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

# ଉନ୍ନତ ଗୋ-ପାଳନ



*ସଂପାଦନା*

**ଡାଃ. ସୁଭାଷ ଚନ୍ଦ୍ର ଚୌଧୁରୀ**

ସୂଚନା ଅଧିକାରୀ

*ପ୍ରକାଶନା :*

**ସମ୍ବାଦ ସରବରାହ ସଂସ୍ଥା**

**ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟ**

**ଓଡ଼ିଶା, କଟକ - ୭୫୩ ୦୦୧**

# ଉନ୍ନତ ଗୋ-ପାଳନ

ଗାଁ ଗଣ୍ଡାରେ ରହୁଥିବା ଲୋକମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଦିନ ମଜୁରିଆ, ନାମମାତ୍ର ଚାଷୀ ଏବଂ କ୍ଷୁଦ୍ରଚାଷୀ । ସେମାନଙ୍କର ଖୁବ୍ କମ୍ ଜମିବାଡ଼ି ଥାଏ କିମ୍ବା ଆଦୌ ନ ଥାଏ । ଆମ ରାଜ୍ୟରେ ଅଧିକାଂଶ ଅଞ୍ଚଳରେ ଜଳସେଚନର ସୁବିଧା ନ ଥିବାରୁ ବର୍ଷରେ ଗୋଟିଏ ମାତ୍ର ଫସଲ ହୋଇଥାଏ । ଏହାଛଡ଼ା ଜଳବାୟୁର ଅନିଶ୍ଚିତତା ଯୋଗୁଁ ବେଳେବେଳେ ଚାଷୀ ଭଲ ଫସଲ ଅମଳ କରିପାରେନାହିଁ । ତେଣୁ ଗୋ-ପାଳନ ପରି ଏକ ଆନୁସଙ୍ଗିକ ଧନ୍ଦା କଲେ ଚାଷୀ ଗୁଜୁରାଣ ମେଣ୍ଟାଇବାକୁ ସମର୍ଥ ହୋଇଥାଏ । ଲୋକମାନେ ଦେଶୀ ଜାତିର କମ୍ ଦୁଗ୍ଧ ଦେଉଥିବା ଅଧିକ ସଂଖ୍ୟକ ଗାଈ ବଦଳରେ ବର୍ତ୍ତମାନ ଅଧିକ ଦୁଗ୍ଧ ଉତ୍ପାଦନ କରୁଥିବା ଗୋଟିଏ ବା ଦୁଇଟି ସଙ୍କର ଜାତୀୟ ଗାଈ ପାଳନ ପାଇଁ ଆଗଭର ହେଲେଣି । ଗୋ-ପାଳନ ମଧ୍ୟ ବର୍ତ୍ତମାନ ଶିଳ୍ପରେ ପରିଣତ ହେଲାଣି । ଏଥିଯୋଗୁଁ ବଡ ବଡ ସଙ୍କର ବା ଉନ୍ନତ ଗାଈ ଫାର୍ମମାନ ଆମ ରାଜ୍ୟରେ ଦେଖାଦେଲାଣି ।

## ଗୋରୁଙ୍କ ସଙ୍କରୀକରଣ

ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଗୋରୁଗାଈ ସାଧାରଣତଃ ନିକୃଷ୍ଟ ଓ ଏମାନେ ଅଳ୍ପ ଦୁଗ୍ଧ ଦିଅନ୍ତି । ତେଣୁ ଆଜିକାଲି ସଙ୍କର ଗାଈ ହିଁ ବଳଦ, ଖତ ଓ ଦୁଗ୍ଧ ଉତ୍ପାଦନ ସମସ୍ୟାର ସମାଧାନ । ଆଗେ ଓଡ଼ିଶାରେ ଗୋରୁଙ୍କୁ କ୍ରମ ଉନ୍ନତ କରିବା ପାଇଁ ହରିୟାନା, ସିନ୍ଧୀ ଷଣ୍ଢମାନଙ୍କୁ ବ୍ୟବହାର କରାଯାଉଥିଲା ।ଏବେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ସହସା ବଢ଼ାଇବା ପାଇଁ ସଙ୍କର ଗୋରୁ ଉତ୍ପାଦନ କରାଯାଉଛି । ଜର୍ସି, ହଲଷ୍ଟିନ୍ ଆଦି ବିଦେଶୀ ଷଣ୍ଢ ଓ ଆମ ଦେଶୀ ଗାଈଙ୍କ ସଙ୍ଗମଠାରୁ ଯେଉଁ ବାଛୁରୀ ଜନ୍ମୁଛନ୍ତି ତାଙ୍କୁ ସଙ୍କର ବାଛୁରୀ କୁହାଯାଏ । ଆମ ରାଜ୍ୟରେ କୃତ୍ରିମ ପ୍ରଜନନ ପଦ୍ଧତିରେ ଗାଈମାନଙ୍କୁ ସଂଗମ କରାଯାଉଛି । ସେଥିପାଇଁ ଜର୍ସି ଷଣ୍ଢମାନଙ୍କୁ ବିଭିନ୍ନ କେନ୍ଦ୍ରମାନଙ୍କରେ ରଖାଯାଇ ତାଙ୍କଠାରୁ ଶୁକ୍ର ସଂଗ୍ରହ କରାଯାଉଛି ଓ ହିମୀକରଣ କରାଗଲା ପରେ ତରଳ ଯବକ୍ଷାରଜାନ ସାହାଯ୍ୟରେ ଏହାକୁ ସଂରକ୍ଷଣ କରାଯାଉଛି । ରାସାୟନିକ ପଦାର୍ଥମାନଙ୍କ ସହ ମିଶିଥିବା ଏ ଶୁକ୍ରକୁ ହିମୀକୃତ ଭାବେ ବିଭିନ୍ନ କୃତ୍ରିମ ପ୍ରଜନନ କେନ୍ଦ୍ରକୁ ପଠାଯାଉଛି ।

## ସନ୍ତାନ ଉତ୍ପାଦନ ଓ କୃତ୍ରିମ ପ୍ରଜନନ

ଗୋଟିଏ ଗାଈଠାରୁ ଦୁଗ୍ଧ ଉତ୍ପାଦନର ପରିମାଣ ବାଛୁରୀ ଜନ୍ମର ବ୍ୟବଧାନ ଉପରେ ମୁଖ୍ୟତଃ ନିର୍ଭର କରେ । ଏହା ୧୨ ରୁ ୧୪ ମାସ ଖୁବ୍ ବେଶୀରେ ହୋଇପାରେ । ଏହା କରିବାକୁ ହେଲେ, ଗାଈଟିର ଗରମ ସମୟ ଠିକ୍ ଭାବରେ ଜାଣିବା ଦରକାର ଓ ଜାଣିବା ପରେ ଠିକ୍ ସମୟରେ ପ୍ରଜନନ କରିବା ଦରକାର । ଗାଈ ପ୍ରାୟ ୨୧ ଦିନରେ ଥରେ ମାତ୍ର ଗରମକୁ ଆସିଥାଏ । ଯଦି ଥରେ ଗରମ ହେଲେ ପ୍ରଜନନ କରା ନ ଯାଏ, ତେବେ ଗାଈଠାରୁ ତା' ଜୀବନ କାଳରେ କମ୍ ଦୁଗ୍ଧ ମିଳିବ ଓ କମ୍ ବାଛୁରୀ ମଧ୍ୟ ମିଳିବ ।

ଗାଈ ଛଡ଼ାମାନେ ଅଢ଼େଇ ବା ତିନି ବର୍ଷ ବୟସ ବେଳକୁ ପ୍ରଥମେ ଗରମକୁ ଆସିଥାନ୍ତି । ମାତ୍ର ସଙ୍କର ଛଡ଼ାମାନେ ଖୁବ୍ କମ୍ ବୟସରେ ଅର୍ଥାତ୍ ୧୮ ମାସରୁ ୨୦ ମାସ ବୟସ ମଧ୍ୟରେ ପ୍ରଥମେ ଗରମକୁ ଆସିଥାନ୍ତି ।

ଗାଈ ପ୍ରସବ କରିବାର ୬୦ ରୁ ୯୦ ଦିନ ମଧ୍ୟରେ ଯଦି ଗରମକୁ ନ ଆସେ, ତେବେ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା କରାନ୍ତୁ । ଗାଈର ଗର୍ଭପାତ ହୋଇଥିଲେ ଉକ୍ତ ଗାଈକୁ ଅନ୍ତତଃ ୬ ମାସ ପର୍ଯ୍ୟନ୍ତ ପ୍ରଜନନ ବିଶ୍ରାମ ଦିଅନ୍ତୁ ।

## ଗରମର ବୟସ

ଯେଉଁ ସମୟରେ ଗାଈ, ଷଣ୍ଢ ସହ ସଙ୍ଗମ ପ୍ରକାଶ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି, ତାହାକୁ ଗରମ ସମୟ କୁହାଯାଏ । ଗାଈର ଏହି ଗରମ ସମୟ ୧୮ ରୁ ୨୪ ଘଣ୍ଟା ପର୍ଯ୍ୟନ୍ତ ରହିଥାଏ । ଗାଈର ଗରମ ଲକ୍ଷଣଗୁଡ଼ିକ ହେଲା ଯେ, ସେ ପ୍ରଥମେ ଅସ୍ୱସ୍ତି ବୋଧ କରେ; ହମ୍ବାଳେ, ଖାଦ୍ୟ ଖାଇବା କମିଯାଏ, ବାରମ୍ବାର ପରିସ୍ରା କରେ, କନକନ ହୋଇ ଅନାଏ । ଯୋନିଦ୍ୱାର ଫୁଲିଯାଏ, ଯୋନିଦ୍ୱାରରୁ ସ୍ୱଚ୍ଛ ଲାଳ ପଡ଼େ, ବାରମ୍ବାର ଝାଡ଼ା ହୁଏ, ଦୁଗ୍ଧ ଦେବା ପରିମାଣ କମିଯାଏ ଏବଂ ଅନ୍ୟ ଗାଈ ବା ବଳଦ ବା ଷଣ୍ଢଙ୍କ ଉପରେ ଚଢ଼ିଯାଏ କିମ୍ବା ସେମାନେ ଚଢ଼ିଗଲେ, ସ୍ଥିର ହୋଇ ଠିଆ ହୋଇ ରହେ । ଜଣେ ଚାଷୀଭାଇ ଏ ଲକ୍ଷଣକୁ ଭଲ ଭାବେ ନିରୀକ୍ଷଣ କରିବା ଦରକାର । ଲାଜକୁଳା ଗାଈ ବା ମଇଁଷିମାନେ ଗରମ ଆସିଲେ ଗୋଠରୁ ଅଲଗା ରହିବାକୁ ପସନ୍ଦ କରନ୍ତି ।

## କେତେବେଳେ ଗାଈକୁ ପ୍ରାକୃତିକ ପ୍ରଜନନ କିମ୍ବା କୃତ୍ରିମ ପ୍ରଜନନ କରାଇବା ଉଚିତ୍ ?

ଯଦି ଆପଣଙ୍କ ଗାଈ ଗରମକୁ ଆସିଥାଏ, ତେବେ ତାହାକୁ ଜଣେ ପଶୁଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରାଇ ଏ ବିଷୟରେ ନିଶ୍ଚିତ ହେବା ବାଞ୍ଛନୀୟ ଏବଂ ତା'ପରେ ୧୨ ରୁ ୧୮ ଘଣ୍ଟା ମଧ୍ୟରେ ପ୍ରାକୃତିକ କିମ୍ବା କୃତ୍ରିମ ପ୍ରଜନନ କରାଇବା ଦରକାର । ଉଦାହରଣ ସ୍ୱରୂପ ଯଦି ଗାଈ ସନ୍ଧ୍ୟାରେ ଗରମ ଲକ୍ଷଣ ଦେଖାଏ, ତେବେ ତା' ପରଦିନ ସକାଳେ ଏବଂ ଯଦି ଗରମ ଲକ୍ଷଣ ସକାଳେ ପ୍ରକାଶ ପାଏ, ତେବେ ସେହିଦିନ ସନ୍ଧ୍ୟାରେ କୃତ୍ରିମ କିମ୍ବା ପ୍ରାକୃତିକ ପ୍ରଜନନ କରାଇବା ଉଚିତ । ସଂକର ଗାଈଙ୍କ କ୍ଷେତ୍ରରେ ଅନ୍ତତଃ ୩ ଥର କୃତ୍ରିମ ପ୍ରଜନନ କରାଇବା ଦରକାର ।

ଯଦି ଠିକ୍ ସମୟରେ ଗାଈକୁ କୃତ୍ରିମ ପ୍ରଜନନ କରାଯାଏ ତେବେ ସେ ନିଶ୍ଚିତ ଭାବରେ ଗର୍ଭବତୀ ହେବ । ଯଦି ଡେରିରେ କୃତ୍ରିମ ପ୍ରଜନନ କରାଯାଏ, ତେବେ ସେ ନିଶ୍ଚିତ ଭାବରେ ଲେଉଟାଇବ । କୃତ୍ରିମ ପ୍ରଜନନର ସୁବିଧା ହେଲା ଯେ ଅଧିକ ଗୁଣାତ୍ମକ ମାନ ଥିବା ଷଣ୍ଢ ଶୁକ୍ରକୁ ବ୍ୟବହାର କରାଯାଇପାରିବ । ପଶୁ ଚିକିତ୍ସାଳୟ ମାନଙ୍କରେ ମାଗଣାରେ କୃତ୍ରିମ ପ୍ରଜନନ କରାଯାଇଥାଏ । ଯଦି କୃତ୍ରିମ ପ୍ରଜନନ ସୁବିଧା ନଥାଏ, ତେବେ ଗାଈଟିକୁ ପ୍ରାକୃତିକ ପ୍ରଜନନ କରାଇବା ଦରକାର ।

## ଗର୍ଭ ପରୀକ୍ଷା

ପ୍ରାକୃତିକ ବା କୃତ୍ରିମ ପ୍ରଜନନ କରାଇବାର ୨ ମାସ ପରେ ପଶୁଚିକିତ୍ସକଙ୍କ ଦ୍ୱାରା ଗାଈଟିର ଗର୍ଭ ପରୀକ୍ଷା କରାଇବା ଦରକାର ।

ଗାଈମାନଙ୍କର ଗର୍ଭାବସ୍ଥା ୨୮୫ ଦିନ । ବାଛୁରୀ ପ୍ରସବ କରିବା ପରେ ଗାଈ ପୁଣି ଥରେ ୬୦ ରୁ ୯୦ ଦିନ ମଧ୍ୟରେ ଗରମକୁ ଆସିଥାନ୍ତି । ଛଡାଟି ପ୍ରଥମ ଥର ଗରମକୁ ଆସିଥିଲେ ପ୍ରଥମ ଗରମରେ କୃତ୍ରିମ/ପ୍ରାକୃତିକ ପ୍ରଜନନ ନ କରାଇ ଦ୍ୱିତୀୟ ଥର ଗରମକୁ ଆସିଲେ ଏହା କରିବା ବିଧେୟ ।

## ଗାଈ ବାରମ୍ବାର ଲେଉଟାଇବାର କାରଣ

ଗାଈ ପ୍ରତି ୨୧ ଦିନରେ ଥରେ ଗରମକୁ ଆସିଲେ, ତାହାକୁ ଗାଈର ଋତୁଚକ୍ର କୁହାଯାଏ । ତା'ପରେ ଗାଈକୁ କୃତ୍ରିମ ପ୍ରଜନନ ବା ପ୍ରାକୃତିକ ପ୍ରଜନନ କଲେ ଗାଈ ଗର୍ଭଧାରଣ କରିଥାଏ । କେତେକ ଗାଈ ଥରେ ଗରମକୁ ଆସିବା ପରେ ପ୍ରଜନନ କରାଗଲେ ଗର୍ଭଧାରଣ କରୁଥିବା ବେଳେ କେତେକ ଗାଈ ଦ୍ୱିତୀୟ ବା ତୃତୀୟ ଥର ଗରମକୁ ଆସି ଗର୍ଭଧାରଣ କରିଥାନ୍ତି ।

ମାତ୍ର କେତେକ ଗାଈ ଅନେକ ଥର ଗରମକୁ ଆସି ଗର୍ଭଧାରଣ ନ କଲେ ତାଙ୍କୁ ଲେଉଟାଣି ଗାଈ କୁହାଯାଏ । ଏପରି ହେବାର କାରଣ ଗୁଡିକ ହେଲା -

୧. ଗାଈର ପ୍ରଜନନ କ୍ଷମତା ଓ ନିରୋଗତା
୨. ଷଣ୍ଢ ଶୁକ୍ରର ଗୁଣାତ୍ମକ ମାନ
୩. ଗୋପାଳକର ଅନୁସୃତ ପ୍ରଜନନ ପଦ୍ଧତି
୪. କୃତ୍ରିମ ପ୍ରଜନନକାରୀର ପ୍ରଜନନ ପ୍ରଣାଳୀ

ତେଣୁ ଗାଈକୁ କୃତ୍ରିମ ପ୍ରଜନନ କରାଇବା ପୂର୍ବରୁ ଏହି ଦିଗ ଗୁଡିକ ପ୍ରତି ଦୃଷ୍ଟି ଦେଲେ ଓ ଗାଈକୁ ପଶୁଡାକ୍ତରଙ୍କଠାରେ ପରୀକ୍ଷା କରାଇଲେ ଗାଈର ବାରଂବାର ଲେଉଟାଇବା ଦୋଷ ଓ ସାମୟିକ ବନ୍ଧ୍ୟାତ୍ୱ ଦୂର ହୋଇ ପାରିବ ।

## ଗର୍ଭବତୀ ଗାଈଙ୍କ ଯତ୍ନ

ପଶୁଚିକିତ୍ସକମାନଙ୍କ ଦ୍ୱାରା ଗାଈକୁ ପରୀକ୍ଷା କଲା ପରେ ଓ ଗାଈ ଗର୍ଭ ରହିଛି ବୋଲି ସ୍ଥିର ନିର୍ଣ୍ଣିତ ହେବା ପରେ, ଗାଈର ସମ୍ଭାବ୍ୟ ପ୍ରସବ ତାରିଖ ଲେଖି ରଖନ୍ତୁ । ଗାଈ ଗର୍ଭବତୀ ହେବାର ୩ ମାସ ମଧ୍ୟରେ ତାକୁ କୃମିନାଶକ ଔଷଧ ଦିଅନ୍ତୁ । ଗର୍ଭର ୬ ମାସ ବେଳକୁ ଗାଈକୁ ଅଲଗା ଗୁହାଳରେ ରଖନ୍ତୁ ଓ ଗର୍ଭସ୍ଥ ବାଛୁରୀର ଶାରୀରିକ ବୃଦ୍ଧିପାଇଁ ଗାଈକୁ ଉପଯୁକ୍ତ ଖାଦ୍ୟ ଦିଅନ୍ତୁ । ପ୍ରସବର ଦୁଇ ତିନିମାସ ପୂର୍ବରୁ ଗାଈଠାରୁ ଦୁଗ୍ଧ ଦୁହିଁବା ବନ୍ଦ କରିଦିଅନ୍ତୁ । କାରଣ ପହ୍ନାକୁ ପୁଣି ଥରେ ପ୍ରସ୍ତୁତ ହେବା ପାଇଁ ସମୟ ମିଳିବ । ଗର୍ଭାବସ୍ଥାର ଶେଷ ଆଡକୁ ଗାଈକୁ

ଅଯଥା ଉତ୍ତେଜିତ କିମ୍ବା ବ୍ୟିବ୍ରତ କରାନ୍ତୁ ନାହିଁ । ଏ ସମୟରେ ଗାଈକୁ ପ୍ରଚୁର ପରିମାଣରେ ସବୁଜ ଘାସ ଖାଇବାକୁ ଦିଅନ୍ତୁ । ଏପରି କଲେ ଗର୍ଭରେ ଥିବା ବାଛୁରୀଟି ଠିକ୍ ଭାବରେ ବଢେ, ହୃଷ୍ଟପୁଷ୍ଟ ହୋଇ ଜନ୍ମନିଏ ଓ ତାକୁ ଅନ୍ଧାରକଣା ରୋଗ ହୁଏ ନାହିଁ । ଏହି ସମୟରେ ଗାଈକୁ ଅଧିକ ୧ କେ.ଜି. ଲେଖାଏଁ ପ୍ରତିଦିନ ସୁଷମ ଦାନା ଖାଇବାକୁ ଦିଅନ୍ତୁ ।

## ପ୍ରସବ ସମୟରେ ଯତ୍ନ

ଯେତେବେଳେ ଗାଈଠାରେ ଅଶ୍ୱସ୍ତିର ଲକ୍ଷଣ ଦେଖାଯାଏ ଓ ଯେତେବେଳେ ଯୋନିଦ୍ୱାରରୁ ଲାଳ ନିର୍ଗତ ହେବାର ଦେଖାଯାଏ, ସେତେବେଳେ ଗାଈଟିର ପ୍ରସବ ସମୟ ଉପସ୍ଥିତ ହେଲା ବୋଲି ଅନୁମାନ କରାଯାଇପାରେ । ତେଣୁ ନଡା ବା କୁଟାର ବିଛଣା ବିଛେଇ ଦେବା ଦରକାର ଓ ଗାଈକୁ କୁଣ୍ଢାଇ ଦେବା ଓ ସଫାସୁତୁରା କରି ଦେବା ଦରକାର । କିନ୍ତୁ ଗାଈକୁ ଅଯଥା ବ୍ୟସ୍ତ କରିବା ଅନୁଚିତ । ଯୋନିଦ୍ୱାରରୁ ବାହାରକୁ ଆସିଥିବା ପାଣିଥଳି (Water Bag) ଆପେ ଆପେ ଫାଟିଯିବା ପାଇଁ ଛାଡି ଦିଅନ୍ତୁ । ବାଛୁରୀର ଆଗ ଗୋଡ ପ୍ରଥମେ ବାହାରେ ଓ ଗୋଡ ଦୁଇଟି ଉପରେ ମୁଣ୍ଡଟି ଥାଏ ।

ବାଛୁରୀ ଜନ୍ମ ହେବା ପରେ ପରେ ତା'ର ନାଭିକୁ ପେଟଠାରୁ ଏକ ଚାଖଣ୍ଡ ଛାଡି ଗୋଟିଏ ସୂତାରେ ବାନ୍ଧି ଦିଅନ୍ତୁ ଓ ସୂତାଠାରୁ ଅଧଇଞ୍ଚ ଛାଡି ବାହାରପଟୁ କାଟି ଦିଅନ୍ତୁ । ଏହାକୁ ବିଶୋଧିତ ଛୁରୀ, କଇଞ୍ଚି କିମ୍ବା ନୂଆ ବ୍ଲେଡ୍‌ରେ କଟାଯାଇପାରିବ । ଏହି କଟା ସ୍ଥାନରେ ଟିଂଚର ଅଫ୍ ଆୟୋଡିନ୍ (Tr. Iodine) ଲଗାଇ ଦିଅନ୍ତୁ । ଏହାଦ୍ୱାରା ରୋଗ ସଂକ୍ରମଣରୁ ରକ୍ଷା କରାଯାଇପାରିବ ଓ ନାଭିଟି ଶୀଘ୍ର ଶୁଖିଯିବ । ଗାଈଟି ଯେପରି ଫୁଲ ବା ଭ୍ରୁଣାବନ୍ଧ (Placenta) ଖାଇ ନ ଯାଏ; ସେଥିପ୍ରତି ଦୃଷ୍ଟି ଦେବା ଦରକାର । ପ୍ରସବ ପରେ ଗାଈଟିକୁ ଉଷୁମ ପାଣିରେ ସଫାସୁତୁରା କରିଦେବା ଉଚିତ ।

ଜନ୍ମପରେ ବାଛୁରୀଟି ଠିକ୍ ଭାବରେ ନିଃଶ୍ୱାସ ପ୍ରଶ୍ୱାସ ନେଉଛି କି ନା ସେ ସମ୍ବନ୍ଧରେ ସ୍ଥିର ନିଶ୍ଚିତ ହେବା ଦରକାର । ଯଦି ଦରକାର ପଡେ, ତେବେ ନାକକୁ ପୋଛି ଦିଅନ୍ତୁ । ଯଦି ଗାଈଟି ବାଛୁରୀକୁ ନଚାଟେ, ତେବେ ଛିଣ୍ଡା ଅଖା କିମ୍ବା ଛିଣ୍ଡା କନାରେ ବାଛୁରୀକୁ ପୋଛିଦେବା ଦରକାର । ନଚେତ୍ ବାଛୁରୀ ଦେହରେ ଅଳ୍ପ ଲୁଣ ବୋଳିଦେଲେ, ଗାଈ ବାଛୁରୀଟିକୁ ଚାଟିଥାଏ । ବାଛୁରୀଟି ଜନ୍ମ ହେବାର ଅଧଘଣ୍ଟାଏ ପରେ ଆପେ ଆପେ ଉଠିଥାଏ ଓ ଗାଈଠାରୁ ଦୁଗ୍ଧ ପିଇଥାଏ । ଯଦି ନ ଉଠେ, ତେବେ ତାକୁ ଉଠିବାରେ ସାହାଯ୍ୟ କରନ୍ତୁ ଓ ଗାଈଟିର ପହ୍ନା ଚିରରୁ ପ୍ରଥମେ ୨/୪ ଟୋପା ଦୁଗ୍ଧ ବାହାର କରି ଦେବା ପରେ ବାଛୁରୀକୁ ପିଇବାକୁ ଛାଡନ୍ତୁ । ଫୁଲ ବା ଭ୍ରୁଣାବନ୍ଧ (Placenta) ପଡିବା ପର୍ଯ୍ୟନ୍ତ ବାଛୁରୀ ପିଇବାକୁ ଅପେକ୍ଷା କରନ୍ତୁ ନାହିଁ ।

ସାଧାରଣତଃ ବାଛୁରୀଟିଏ ଜନ୍ମ ହେବାର ୩/୪ ଘଣ୍ଟା ମଧ୍ୟରେ ଫୁଲ ବା ଭ୍ରୁଣାବନ୍ଧ ଆପେ ଆପେ ଖସି ପଡିଥାଏ । ଯଦି ନ ପଡେ ତେବେ ପଶୁଚିକିତ୍ସକଙ୍କୁ ଡାକି ବାହାର କରିଦେବା ଦରକାର । ଗାଈକୁ ଶକ୍ତିଦାୟକ ଓ ସହଜରେ ହଜମ ହୋଇପାରୁଥିବା ଖାଦ୍ୟ ଦେବା

ଉଚିତ । ତାହା ହେଲା : ଗୁଡ - ୫୦୦ ଗ୍ରାମ୍, ଶୁଣ୍ଠି - ୫୦୦ ଗ୍ରାମ୍, ଜୁଆର ଗୁଣ୍ଡ, ଚାଉଳ ଗୁଣ୍ଡ କିମ୍ବା ବାଜରା ଗୁଣ୍ଡ କିମ୍ବା ଗହମ ଗୁଣ୍ଡ - ୫୦୦ ଗ୍ରାମ୍ । ଉଲ୍ଲିଖିତ ଖାଦ୍ୟକୁ ରାନ୍ଧି ଖୁଆନ୍ତୁ ଓ ପ୍ରଚୁର ପାଣି ପିଇବାକୁ ଦିଅନ୍ତୁ ।

## ଜନ୍ମ ପରେ ଯତ୍ନ

ଗାଈ ନିଜର ବାଛୁରୀକୁ ଚାଟିବାକୁ ଛାଡିଦିଅନ୍ତୁ । ଫୁଲ ପଡିବା ଲକ୍ଷ୍ୟ ରଖନ୍ତୁ । ଗାଈ ଯେପରି ତାହା ଖାଇ ନ ଯାଏ, ଜଗନ୍ତୁ । ଗାଈକୁ ଶକ୍ତିପ୍ରଦ ଖାଦ୍ୟ ଖୁଆନ୍ତୁ । ଗୁଡ ସହ ଶସ୍ୟଗୁଣ୍ଡ ରାନ୍ଧି ଖୁଆନ୍ତୁ । ବାଛୁରୀଟି ମା' ଦୁଗ୍ଧ ଯେପରି ପିଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ପିଇବାରେ ସାହାଯ୍ୟ କରନ୍ତୁ । ଫୁଲ ପଡିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ନାହିଁ । ଯଦି ବାଛୁରୀ ଜନ୍ମର ୧୦ ଘଣ୍ଟା ପର୍ଯ୍ୟନ୍ତ ଫୁଲ ନ ପଡେ, ତେବେ ପଶୁଚିକିତ୍ସକଙ୍କର ସାହାଯ୍ୟ ନିଅନ୍ତୁ ।

ଗାଈର ଯୋନିଦ୍ୱାର ଭିତରକୁ ଆପଣ କେବେହେଲେ ହାତ ପୂରାନ୍ତୁ ନାହିଁ କିମ୍ବା ଅନ୍ୟ କାହାରିକୁ ଏପରି କରିବାକୁ ଦିଅନ୍ତୁ ନାହିଁ କିମ୍ବା କୌଣସି ଓଜନ ବସ୍ତୁ ଝୁଲୁଥିବା ଫୁଲରେ ବାନ୍ଧନ୍ତୁ ନାହିଁ । କେବଳ ପଶୁଚିକିତ୍ସକ ହିଁ ଗାଈର କୌଣସି କ୍ଷତି ନ ଘଟାଇ ସହଜରେ ଫୁଲ ବାହାର କରିପାରିବେ । ଗାଈଠୁଁ ସବୁ ଦୁଗ୍ଧ ଦୁହିଁ ଦିଅନ୍ତୁ ନାହିଁ । ବାଛୁରୀ ପିଇବା ପାଇଁ ଯଥେଷ୍ଟ ଦୁଗ୍ଧ ଛାଡନ୍ତୁ । ଗାଈ ପହ୍ନାରେ ବେଶୀ କ୍ଷୀର ରହିଲେ ଗାଈକୁ ଥନହରା ରୋଗ ହୋଇପାରେ । ବାଛୁରୀ ଯଥେଷ୍ଟ କଷକ୍ଷୀର ଆବଶ୍ୟକ କରେ । ପ୍ରସବର ୧୦ ଦିନ ପରଠାରୁ ବା ବାଛୁରୀକୁ ଦୁଗ୍ଧ ଦେବା ପରିମାଣ ଆସ୍ତେ ଆସ୍ତେ ୩ ମାସ ପର୍ଯ୍ୟନ୍ତ କମାଇ ଦେବା ଦରକାର ।

ବାଛୁରୀ ପ୍ରସବ କରିବା ପରେ ଗାଈକୁ କୃମିନାଶକ ଔଷଧ ଖୁଆନ୍ତୁ । ଜନ୍ମର ୨ ସପ୍ତାହଠାରୁ ଆରମ୍ଭ କରି ବାଛୁରୀକୁ ପ୍ରତି ୩ ମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ । ଏ ସମ୍ବନ୍ଧରେ ସ୍ଥାନୀୟ ପଶୁଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

## ବାଛୁରୀ ପାଳନ

- ଗୋଟିଏ ନୂଆ ହୋଇ ଜନ୍ମ ହୋଇଥିବା ବାଛୁରୀ, ଜନ୍ମ ହେବାର ୨ ଘଣ୍ଟା, ତାପରେ ୬ ଘଣ୍ଟା ଓ ତାପରେ ୧୨ ଘଣ୍ଟା ସମୟରେ ମା'ର କଷକ୍ଷୀର ଖାଇଲେ ବିଭିନ୍ନ ରୋଗରୁ ରକ୍ଷା ପାଇଥାଏ ଏବଂ ଏହି କଷକ୍ଷୀର ବାଛୁରୀର ପ୍ରଥମ ଝାଡା ବାହାରିବାରେ ସାହାଯ୍ୟ କରେ ।
- ବାଛୁରୀଟି ମା'କ୍ଷୀରବେଶୀ ଖାଇଲେ ଓ ଅପରିଷ୍କାର କ୍ଷୀର ଖାଇଲେ ରକ୍ତଝାଡା ହୁଏ । ଏହା ବାଛୁରୀର ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ ।
- ବାଛୁରୀ ମା'କ୍ଷୀର ଯଥେଷ୍ଟ ପରିମାଣରେ ଖାଇବାକୁ ନ ପାଇଲେ, ତାକୁ ଏକ ପ୍ରକାର ପ୍ରସ୍ତୁତି ଦାନା ଦିଆଯାଏ । ତାହାହେଲା ଦୁଧ-୨୦୦ ମି.ଲି., ଧାତବ ମିଶ୍ରଣ-୧ ଗ୍ରାମ୍, ଅଣ୍ଡାର ଧଳା ଅଂଶ, ଭିଟାମିନ୍ ମିଶ୍ରଣ-୧ଗ୍ରାମ୍ । ଏହାକୁ ମିଶାଇ ଦିନକୁ ୩/୪ ଥର ଅନ୍ତତଃ ୪/୫ ଦିନ ପର୍ଯ୍ୟନ୍ତ ଦିଅନ୍ତୁ ।

- ବାଛୁରୀକୁ ଚାରି ମାସ ବୟସ ପର୍ଯ୍ୟନ୍ତ ନଡା ଖାଇବାକୁ ଦିଅନ୍ତୁ ନାହିଁ । ଏହି ସମୟରେ କଞ୍ଚା ଘାସ ଖାଇବାକୁ ଦିଅନ୍ତୁ ।
- ବାଛୁରୀମାନଙ୍କ ଖାଦ୍ୟ ପ୍ରତି ଯତ୍ନ ନେଲେ ସେମାନଙ୍କର ଦୈନିକ ୫୦୦ ଗ୍ରାମ୍ କରି ଶରୀର ବୃଦ୍ଧି ଘଟିଥାଏ । ସେମାନେ ୧ $^{1}/_{2}$ ବର୍ଷରେ ଯଦି ୨୭୦ କିଲୋ ଓଜନ ହୁଅନ୍ତି, ତେବେ ପ୍ରଥମେ ଗରମକୁ ଆସନ୍ତି ।
- ଯଦି ବାଛୁରୀ ଦୁର୍ବଳ ଦେଖାଯାଏ, ତେବେ ତାର ଖାଦ୍ୟ ପ୍ରତି ଦୃଷ୍ଟି ଦେବା ସହ ତାର ଝାଡା ପରୀକ୍ଷା କରାଇ କୃମି ପାଇଁ ଚିକିତ୍ସା କରାନ୍ତୁ ।

  ବାଛୁରୀଙ୍କୁ ଅଲଗା ଗୁହାଳରେ ରଖନ୍ତୁ ।

## ପ୍ରାରମ୍ଭିକ ବାଛୁରୀ ଦାନା ମିଶ୍ରଣର ଉପାଦାନ

| ପ୍ରାରମ୍ଭିକ ବାଛୁରୀ ଦାନା (୧) | ଉପାଦାନ (ଶତକଡା) | ପ୍ରାରମ୍ଭିକ ବାଛୁରୀ ଦାନା (୨) | ଉପାଦାନ (ଶତକଡା) |
|---|---|---|---|
| ମକାଗୁଣ୍ଡ | ୪୫ | ନଡିଆ ପିଡିଆ | ୧୦ |
| ବାଦାମ ପିଡିଆ | ୩୫ | ବାଦାମ ପିଡିଆ | ୩୫ |
| ଶୁଖୁଆ ଗୁଣ୍ଡ | ୮ | ହଳଦିଆ ମକା | ୨୫ |
| ଗହମ ଚୋକଡ | ୧୦ | ଲୁସର୍ଣ୍ଣ ଗୁଣ୍ଡ | ୬ |
| ଖଣିଜ ମିଶ୍ରଣ | ୨ | ଶୁଖିଲା ଟେପିଓକା ଖଣ୍ଡ | ୧୨ |
| ମୋଟ | ୧୦୦ | ଖଣିଜ ମିଶ୍ରଣ | ୨ |
| | | ଶୁଖୁଆ ଗୁଣ୍ଡ | ୧୦ |
| | | ମୋଟ | ୧୦୦ |

ପ୍ରତି ୧୦୦ କିଲୋ ମିଶ୍ରଣରେ ୦.୫ କିଲୋ ଲୁଣ ଓ ଖାଦ୍ୟପ୍ରାଣ କ, ଖ, ଘ ରୁ ୨୫ ଗ୍ରାମ୍ ମିଶାନ୍ତୁ ।

## ବର୍ଦ୍ଧିଷ୍ଣୁ ପଶୁମାନଙ୍କୁ ଖୁଆଇବା ପ୍ରଣାଳୀ (୬ ମାସରୁ ଅଧିକ ବୟସରେ)

୬ ମାସ ବୟସ ବେଳକୁ (Rumen) ରୋମନ୍ଥିକା କାର୍ଯ୍ୟକ୍ଷମ ହୋଇଥାଏ ଓ ସେତେବେଳେ ବାଛୁରୀମାନେ ବଡ ଗୋରୁଗାଈଙ୍କ ପରି ସବୁ ଖାଦ୍ୟ ଖାଇପାରିବେ । ଭଲ ଭାବରେ ବଢିବା ପାଇଁ ବର୍ଦ୍ଧିଷ୍ଣୁ ବାଛୁରୀମାନଙ୍କୁ ଯଥେଷ୍ଟ ପରିମାଣ ଉନ୍ନତ ଧରଣର ମୋଟାରୋଟା ଖାଦ୍ୟ ଦେବା ଦରକାର । ଭଲ ଖାଇବାକୁ ନ ଦେଲେ ବାଛୁରୀମାନେ ଡେରିରେ ପ୍ରଜନନକ୍ଷମ ହୋଇଥାନ୍ତି । ବର୍ଷକରୁ ଅଧିକ ବୟସର ବାଛୁରୀମାନଙ୍କୁ ଯଥେଷ୍ଟ ପରିମାଣ ଉନ୍ନତ ଧରଣର ମୋଟାରୋଟା ଖାଦ୍ୟ ଦେଲେ, ସୁଷମ ଦାନା କମ୍ ଦେବାକୁ ପଡେ ଓ ଏ ବାବଦ ଖର୍ଚ୍ଚ କମିଯାଏ ।

## ବର୍ଦ୍ଧିଷ୍ଣୁ ବାଛୁରୀମାନଙ୍କ ପାଇଁ ଖାଦ୍ୟ ନିର୍ଘଣ୍ଟ

| ବୟସ (ମାସରେ) | ହାରାହାରି ଶାରୀରିକ ଓଜନ (କିଲୋରେ) | ସୁଷମ ଦାନା (କିଲୋରେ) | ଘାସ (କିଲୋରେ) |
|---|---|---|---|
| ୬-୯ | ୭୦-୧୦୦ | ୧.୨୫-୧.୫ | ୫-୮ |
| ୯-୧୫ | ୧୦୦-୧୫୦ | ୧.୫-୨.୦ | ୮-୧୫ |
| ୧୫-୨୦ | ୧୫୦-୨୦୦ | ୨.୦-୨.୨୫ | ୧୫-୨୦ |
| ୨୦ ରୁ ଊର୍ଦ୍ଧ୍ୱ | ୨୦୦-୩୦୦ | ୨.୨୫-୨.୫ | ୨୦-୨୫ |

ଦାନାଗୁଡିକ ନାମଜାଦା କମ୍ପାନୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ସୁଷମ ଦାନା ଭାବରେ ବଜାରରେ ବିକ୍ରୀ କରାଯାଉଛି । ମାତ୍ର ଏଥିରେ ଅଧିକ ଖାଦ୍ୟପ୍ରାଣ ଓ ଧାତବ ମିଶ୍ରଣ ମିଶାଇବାକୁ ପଡିବ ।

## ବାଛୁରୀମାନଙ୍କୁ ଖୁଆଇବା ପ୍ରଣାଳୀ

ଗୋପାଳନରେ ସଫଳତା ଅନେକାଂଶରେ ବାଛୁରୀଙ୍କୁ ଠିକ୍ ଭାବରେ ପ୍ରଜନନକ୍ଷମ ବୟସ ପର୍ଯ୍ୟନ୍ତ ଲାଳନ ପାଳନ କରିବା ଉପରେ ନିର୍ଭର କରେ, ଯେପରିକି ସେମାନେ ଖୁବ୍ ଶୀଘ୍ର ବଢିପାରିବେ ଓ ସେମାନଙ୍କର ମୃତ୍ୟୁ ସଂଖ୍ୟା କମ୍ ହେବ । ବାଛୁରୀର ଜନ୍ମ ପରେ କଷକ୍ଷୀର ଖାଇବାକୁ ଦେବା ଦରକାର । କଷକ୍ଷୀର ହେଲା ଗାଈ ପ୍ରସବ କରିବାର ପରେ ପରେ ଯେଉଁ ଦୁଗ୍ଧ ବାହାରେ । ଏଥିରେ ରୋଗ ପ୍ରତିରୋଧକ ଜୀବାଣୁ ପୂର୍ଣ୍ଣମାତ୍ରାରେ ଥାନ୍ତି ଓ ଏଥିରେ ପୁଷ୍ଟିସାର, ଲବଣସାର ଓ ଖାଦ୍ୟପ୍ରାଣ ପ୍ରଚୁର ପରିମାଣରେ ଥାଏ । କଷକ୍ଷୀର ପ୍ରଥମ ଝାଡା ବାହାରି ଯିବାରେ ସାହାଯ୍ୟ କରୁଥିବାରୁ ବାଛୁରୀ ଜନ୍ମ ହେବାର ୧/୨ ଘଣ୍ଟାଠାରୁ ୩ ଘଣ୍ଟା ମଧ୍ୟରେ ଏହାକୁ ଖୁଆଇବା ଦରକାର । ବାଛୁରୀମାନଙ୍କୁ ଜନ୍ମର ପ୍ରଥମ ୫ ରୁ ୭ ଦନି ପର୍ଯ୍ୟନ୍ତ (୧୦ ଦିନ ପର୍ଯ୍ୟନ୍ତ ଦିଆଯାଇ ପାରେ) କଷକ୍ଷୀର ନିଶ୍ଚୟ ଭାବରେ ପିଇବାକୁ ଦିଅନ୍ତୁ ଓ ତା'ପରେ କ୍ଷୀର ମନୁଷ୍ୟର ପାନୀୟ ଉପଯୋଗୀ ହୋଇଥାଏ ।

ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ନବଜାତ ବାଛୁରୀକୁ ତା ମାଆଠାରୁ ଅନ୍ତତଃ ୫ ରୁ ୭ ଦିନ ପର୍ଯ୍ୟନ୍ତ ଯଥେଷ୍ଟ କଷକ୍ଷୀର ପିଇବାକୁ ଦେବା ଦରକାର ।

ଯେତେବେଳେ ବାଛୁରୀକୁ ଜନ୍ମରୁ ପହ୍ନା ତ୍ୟାଗ (Weaning) ଅଭ୍ୟାସ କରାଯାଏ, ସେତେବେଳେ ୬ ସପ୍ତାହ ପର୍ଯ୍ୟନ୍ତ ଶରୀର ଓଜନର ୧/୧୦ ଭାଗ, ୭ ରୁ ୮ ସପ୍ତାହ ପର୍ଯ୍ୟନ୍ତ ଶରୀରର ଓଜନର ୧/୧୫ ଭାଗ ଓ ୩ ମାସ ବୟସରୁ ଶରୀର ଓଜନର ୧/୨୦ ଭାଗ ଦୁଗ୍ଧ ଖୁଆଇବା ଦରକାର । ଭଲ ଭାବରେ ହଜମ ହୋଇ ପାରୁଥିବା ଖାଦ୍ୟ : ଯଥା - ପ୍ରାରମ୍ଭିକ ବାଛୁରୀ ଦାନା (Calf Starter) ଉନ୍ନତ ଧରଣର ସବୁଜ ଘାସ ସହ ବାଛୁରୀଙ୍କୁ ଖାଇବାକୁ ଦେବା ଦରକାର । ଯେତେବେଳେ ଜନ୍ମରୁ ପହ୍ନା ତ୍ୟାଗ (Weaning) ଅଭ୍ୟାସ କରା ନ ଯାଏ ଯାହାକି ସାଧାରଣତଃ ଚାଷୀମାନେ କରିଥାନ୍ତି, ସେତେବେଳେ ପହ୍ନାର ଦୁଇଟି ଚିର ନ ଛୁହିଁ

ବାଛୁରୀ ପିଇବାକୁ ଛାଡିଦେବା ଉଚିତ । ଗାଈକୁ ଖାଇବାକୁ ଦେବାବେଳେ ବାଛୁରୀକୁ ମଧ୍ୟ ଅଳ୍ପ ପରିମାଣରେ ସୁଷମଦାନା ଓ ସବୁଜ ଘାସ ଖାଇବାକୁ ଦେବା ଦରକାର ।

## ବଳଦମାନଙ୍କୁ ଖୁଆଇବା ପ୍ରଣାଳୀ

କୃଷିପ୍ରଧାନ ଭାରତରେ ବଳଦମାନଙ୍କର ଗୁରୁତ୍ୱ ରହି ଆସିଛି । ସେମାନେ ହଳ କରନ୍ତି, ଜମିରେ ପାଣି ମଡାନ୍ତି ଓ କୃଷି ଜାତ ଦ୍ରବ୍ୟ ବଜାରକୁ ପରିବହନ କରିଥାନ୍ତି । ଭାରତର ହରିଆନା, ବିଂଝାରପୁରୀ ପ୍ରଭୃତି ଗୋଜାତି କୃଷିକାର୍ଯ୍ୟ ପାଇଁ ଉତ୍କୃଷ୍ଟ । ତାଙ୍କଠାରୁ ଭଲ ବଳଦ ଉତ୍ପନ୍ନ ହୋଇଥାନ୍ତି । ମାତ୍ର ସେମାନଙ୍କଠାରୁ ଉତ୍ପନ୍ନ ଗାଈମାନେ ଜର୍ସି ଗାଈ ତୁଳନାରେ ଅଳ୍ପ କ୍ଷୀର ଦିଅନ୍ତି । ତେଣୁ ଏମାନଙ୍କୁ ଦୁଗ୍ଧ ପାଇଁ ପାଳନ କଲେ ଲାଭଜନକ ହୋଇ ନଥାଏ ।

କାର୍ଯ୍ୟ କରୁଥିବା ବଳଦମାନଙ୍କ ଖାଦ୍ୟ, କେଉଁ ପ୍ରକାର କାର୍ଯ୍ୟ ଓ କେତେ ସମୟର କାର୍ଯ୍ୟ ଉପରେ ନିର୍ଭର କରେ । ୪ ଘଣ୍ଟା ହଳ କରିବା କିମ୍ବା ୬ ଘଣ୍ଟା ପର୍ଯ୍ୟନ୍ତ ଶଗଡ ଟାଣିବା ହେଉଛି ଗୋଟିଏ ବଳଦର ସାଧାରଣ କାମ । ୬ ଘଣ୍ଟା ପର୍ଯ୍ୟନ୍ତ ହଳ କରିବା କିମ୍ବା ୮ ଘଣ୍ଟା ପର୍ଯ୍ୟନ୍ତ ଶଗଡ ଟାଣିବା ହେଉଛି ଗୋଟିଏ ବଳଦ ପକ୍ଷରେ ଅଧିକ କାମ । ସାଧାରଣ କାମ ପାଇଁ ନିମ୍ନରେ ପ୍ରଦତ୍ତ ହୋଇଥିବା ଖାଦ୍ୟ ନିର୍ଘଣ୍ଟକୁ ପାଳନ କରାଯିବା ଦରକାର । ଅଧିକ କାମ ପଡିଲେ ଆଉ ୦.୫ କିଲୋରୁ ୧ କିଲୋ ପର୍ଯ୍ୟନ୍ତ ଅଧିକ ସୁଷମ ଦାନା ଦେବା ଦରକାର । ଏହା କାମର ପ୍ରକାର ଓ ବଳଦର ଆକାର ଅନୁସାରେ କମ୍ ବେଶୀ ହୋଇପାରେ ।

### ବଳଦଙ୍କ ପାଇଁ ଖାଦ୍ୟ ନିର୍ଘଣ୍ଟ

| ଶାରୀରିକ ଓଜନ (କିଲୋରେ) | ସାଧାରଣ କାମପାଇଁ | | ଅଧିକ କାମ ପାଇଁ | |
|---|---|---|---|---|
| | ସୁଷମ ଦାନା (କିଲୋରେ) | ସବୁଜ ଘାସ (କିଲୋରେ) | ସୁଷମ ଦାନା (କିଲୋରେ) | ସବୁଜ ଘାସ (କିଲୋରେ) |
| ୩୦୦ | ୧.୫ | ୨୦.୨୫ | ୨.୦ | ୨୫.୩୦ |
| ୪୦୦ | ୨.୦ | ୨୫.୩୦ | ୨.୦ | ୩୦.୩୫ |

## ସବୁଜ ଘାସର ଭୂମିକା

ଅଳ୍ପ ଖର୍ଚ୍ଚରେ ଦୁଗ୍ଧ ଉତ୍ପାଦନ ପାଇଁ ଉନ୍ନତ ଧରଣର ସବୁଜ ଘାସ ହିଁ ଉତ୍କୃଷ୍ଟ ଖାଦ୍ୟ । ଦିନକୁ ୩ ରୁ ୬ କେ.ଜି. ପର୍ଯ୍ୟନ୍ତ ଦୁଗ୍ଧ ଦେଉଥିବା ଗାଈ କେବଳ ଉନ୍ନତ ଧରଣର ସବୁଜ ଘାସ ଦେଇ ପାଳନ କରିହେବ । ୬ ଲିଟରରୁ ଅଧିକ ଦୁଗ୍ଧ ଦେଉଥିବା ଗାଈମାନଙ୍କୁ ୩୦/୪୦ କିଲୋ ସବୁଜ ଘାସ ସହ ପ୍ରତି ୨ ଲିଟର ଅଧିକ କ୍ଷୀର ପାଇଁ ୧ କେ.ଜି. ଦାନା ଦିଅନ୍ତୁ । ଅନ୍ୟ ସବୁ ଖାଦ୍ୟ ଅପେକ୍ଷା ଘାସରୁ ମିଳୁଥିବା ପୁଷ୍ଟିସାର ହେଉଛି ସବୁଠୁ ଶସ୍ତା । ତେଣୁ ଗାଈମାନଙ୍କୁ ଅନ୍ତତଃ ଦୈନିକ ୩୦/୪୦ କିଲୋ ସବୁଜ ମିଶାମିଶି ଘାସ ଖୁଆନ୍ତୁ । ମିଶାମିଶି ଘାସ କହିଲେ ଧାନ୍ୟ ଜାତୀୟ ୧ ଭାଗ ଓ ରବି ଜାତୀୟ ୧ ଭାଗକୁ ବୁଝାଏ ।

## ଗାଈମାନଙ୍କୁ ଖୁଆଇବା ସମ୍ବନ୍ଧରେ କେତୋଟି ଜାଣିବା କଥା

୧. ଗାଈମାନଙ୍କୁ ଅଲଗା ଅଲଗା ଖାଇବାକୁ ଦେବା ଦରକାର ।

୨. ଉନ୍ନତ ଧରଣର ଘାସ ଖୁଆଇଲେ ସୁଷମ ଦାନା ବଞ୍ଚାଯାଇପାରିବ । ୨୦ କିଲୋ ସବୁଜ ଘାସ କିମ୍ବା ୬ ରୁ ୮ କିଲୋ ମକାଜାତୀୟ ଘାସ ଦିନକୁ ଖୁଆଇଲେ ୧ କିଲୋ ସୁଷମ ଦାନା କମ୍ ଦିଆଯାଇପାରିବ ।

୩. ଶୁଷ୍କ ଦ୍ରବ୍ୟ ଧାରଣ ଭିତ୍ତିରେ (Dry matter content basis) ୧ କିଲୋ ନଡା ୪ ରୁ ୫ କିଲୋ ଘାସ ସହ ସମାନ ।

୪. ଖୁଆଇବାରେ ନିୟମିତତା ପାଳନ କରାଯିବା ଉଚିତ ।

୫. ଅଧିକ ଖୁଆଇବା କ୍ଷତିକାରକ ।

୬. ହଠାତ୍ ଖାଦ୍ୟର ପରିବର୍ତ୍ତନ କରିବା ଉଚିତ୍ ନୁହେଁ ।

୭. ଶସ୍ୟକୁ କୁଟି ଗୁଣ୍ଡ କରି ଖୁଆଇବା ଉଚିତ୍ ।

୮. ଦୁଗ୍ଧ ଦୁହିଁବା ପରେ ଖଣି ଘାସ ଖୁଆଇବା ଦରକାର ।

୯. ସୁଷମ ଦାନା ଖୁଆଇବା ପୂର୍ବରୁ ତାହାକୁ ସାମାନ୍ୟ ପାଣିରେ ଓଦା କରି ସଙ୍ଗେ ସଙ୍ଗେ ଖୁଆଇବା ଦରକାର ।

୧୦. ପ୍ରଚୁର ପରିମାଣ ମୋଟାରୋଟା ଖାଦ୍ୟ ଖାଇବାକୁ ଦିଅନ୍ତୁ ।

### ୨୫୦ କିଲୋ ଓଜନ ବିଶିଷ୍ଟ ଗାଈଙ୍କର ଦୁଇଟି ଅବସ୍ଥାରେ ପ୍ରତିଦିନର ଦାନା

| ପଶୁର ପ୍ରକାର | ଯେତେବେଳେ ସବୁଜ ଘାସ/ ଖଣିଘାସ ପ୍ରଚୁର ମିଳୁଥାଏ | | ଯେତେବେଳେ ନଡା ପ୍ରଧାନ ମୋଟାରୋଟା ଖାଦ୍ୟ ଦିଆଯାଏ | | |
|---|---|---|---|---|---|
| | ସୁଷମ ଦାନା ମିଶ୍ରଣ (କିଲୋରେ) | ସବୁଜ ଘାସ (କିଲୋରେ) | ସୁଷମ ଦାନା ମିଶ୍ରଣ (କିଲୋରେ) | ସବୁଜ ଘାସ (କିଲୋରେ) | ନଡା ବା କୁଟା (କିଲୋରେ) |
| ପଡିଆ ଗାଈ | -- | ୨୫ ରୁ ୩୦ | ୧.୨୫ | ୩.୦ | ୬.୦ |
| ଦୁଧିଆଳି ଗାଈ | ପ୍ରତି ୩ କେ.ଜି ଦୁଗ୍ଧ ଉତ୍ପାଦନରେ ୧ କିଲୋ ହିସାବରେ | ୩୦ | ୧.୨୫+୧. କିଲୋ ପ୍ରତି ୩ କିଲୋ ଦୁଗ୍ଧ ଉତ୍ପାଦନ ହିସାବରେ | ୫.୦ | ୬.୦ |

| | | | | | |
|---|---|---|---|---|---|
| ଗର୍ଭବତୀ ଗାଈ | ଗର୍ଭର ୬ ମାସଠାରୁ ୧ କିଲୋ ହିସାବରେ ଓ ଦୁଗ୍ଧର ପରିମାଣ ଅନୁସାରେ ଅଧିକ ଦାନା | ୩୦ | ୧.୨୫+୧ କିଲୋ ୬ ମାସ ଗର୍ଭଠାରୁ ଦୁଗ୍ଧ ଦେବାର ପରିମାଣ ଅନୁସାରେ ଅଧିକ ଦାନା | ୫.୦ | ୬.୦ |

ପ୍ରତି ଅଧିକ ୫୦ କିଲୋ ଓଜନରେ ୨୫୦ ଗ୍ରାମ୍ ସୁକ୍ଷମ ଦାନା ଏବଂ ୦.୫ କେ.ଜି. ରୁ ୧ କେ.ଜି. ନଡା ଅଧିକା ଖୁଆଇବାକୁ ପଡିବ କିମ୍ବା ୩ ରୁ ୫ କିଲୋ ଅଧିକ ସବୁଜ ଘାସ ଖୁଆଇବାକୁ ପଡିବ ।

## ଗୋରୁଗାଈଙ୍କ ଲାଗି ଶସ୍ତା ଖାଦ୍ୟ

ମଫସଲର ଚାଷୀଭାଇମାନେ କେବଳ ନଡା ଖୁଆଇ ଗୋରୁଗାଈ ପାଳିଥାନ୍ତି । ମାତ୍ର ନଡା ଏକପ୍ରକାର ନିକୃଷ୍ଟ ଧରଣର ତନ୍ତୁ ବହୁଳ ଖାଦ୍ୟ ହୋଇଥିବାରୁ ଏହାକୁ ଖାଇବା ଦ୍ୱାରା ଗୋରୁଗାଈଙ୍କର ଉପଯୁକ୍ତ ପୁଷ୍ଟି ସାଧିତ ହୁଏ ନାହିଁ । ତେଣୁ ଏହାକୁ ୟୁରିଆ ଓ ରାବଗୁଡ ଉପଚାର ଦ୍ୱାରା ଏହାର ଖାଦ୍ୟଗୁଣ ବଢାଇ ଖୁଆଯାଇପାରେ ।

ଏହା ଛଡା ନିମ୍ନପ୍ରକାର ଶସ୍ତା ଖାଦ୍ୟ ଗୋରୁଙ୍କୁ ଦିଆଯାଇପାରେ ।

**ଆୟଟାକୁଆ :** ଆୟଟାକୁଆରୁ କୋଇଲା ବାହାର କରି ତାକୁ ଶୁଖାଇ ଗୁଣ୍ଡ କରି ଖୁଆନ୍ତୁ । ଦୈନିକ ଅଧକିଲୋ ଗୁଣ୍ଡ ଖୁଆଇଲେ ଦାନାରେ ମକା ମିଶାଇବାକୁ ପଡିବ ନାହିଁ ।

**ଜାମୁକୋଳି ମଞ୍ଜି :** ଏହାକୁ ଶୁଖାଇ ଗୁଣ୍ଡ କରି ଖୁଆନ୍ତୁ । ଏହାକୁ ମଧ୍ୟ ମକା ବଦଳରେ ଦିଆଯାଇପାରେ ।

**ତେନ୍ତୁଳି ମଞ୍ଜି :** ଏହାକୁ ଶୁଖାଇ, ଢିଙ୍କିରେ ଗୁଣ୍ଡ କରି ପାଣିରେ ବତୁରାଇ ଖୁଆନ୍ତୁ । ୧ କିଲୋ ଦାନା ବଦଳରେ ଏଥିରୁ ଏକ କିଲୋ ଦିଆଯାଇପାରେ ।

**ବାବୁଲ ଫଳ :** ଏକ ଭାଗ ଗୁଣ୍ଡ ବାବୁଲ ଫଳ ସହ ଏକଭାଗ ପିଡିଆ ମିଶାଇ ଖୁଆନ୍ତୁ । ଏହା ଏକ କିଲୋ ଦାନା ସହ ସମାନ ।

**ବିଲ ଚାକୁଣ୍ଡା ମଞ୍ଜି :** କୋଳଥ, ବୁଟ, ବିରି ବଦଳରେ ପିଡିଆ ସହ ଖୁଆଯାଇପାରେ । ବିଲ ଚାକୁଣ୍ଡାକୁ ଫୁଲ ଆସିବା ପୂର୍ବରୁ ଖଣି ପକାଇ ସାଇଲେଜ୍ କରାଯାଇପାରେ ।

**ମହୁଲ ଫୁଲ :** ୧ କିଲୋ ମହୁଲ ଫୁଲ ବଦଳରେ ଅଧ କିଲୋ ଦାନା କମାଯାଇପାରେ ।

## ଖରାଦିନେ ସଙ୍କର ଗାଈଗୋରୁଙ୍କ ଯତ୍ନ

★ ଖରାଦିନେ ଅଧିକ ଉତ୍ତାପ ଯୋଗୁଁ ସଙ୍କର ଗାଈମାନେ ବେଶୀ କଷ୍ଟ ପାଆନ୍ତି । ସେମାନଙ୍କୁ ଖରାରେ ବୁଲିବାକୁ ଛାଡନ୍ତୁ ନାହିଁ ।

- ★ ସଙ୍କର ଗୋରୁଗାଈଙ୍କ ଗୁହାଳର ଉତ୍ତାପକୁ ୧୫ ରୁ ୨୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ମଧ୍ୟରେ ସୀମିତ ରଖନ୍ତୁ । ଏଥିପାଇଁ ଗୁହାଳର ଝରକା ଓ କବାଟରେ ଅଖା ବାନ୍ଧି ପାଣି ସିଞ୍ଚନ୍ତୁ ।
- ★ ସଙ୍କର ଗାଈଙ୍କୁ ଦିନରେ ୨/୩ ଥର ଗାଧୋଇ ଦିଅନ୍ତୁ ।
- ★ ଗୁହାଳକୁ ୨/୪ ଥର ସଫା କରନ୍ତୁ । ସଙ୍କର ଗାଈଙ୍କୁ ଯଥେଷ୍ଟ ପରିମାଣରେ ସବୁଜ ଘାସ ଖୁଆନ୍ତୁ ।
- ★ ବଳଦମାନଙ୍କୁ ଖରାବେଳେ କାମ କରାନ୍ତୁ ନାହିଁ ।
- ★ ଖରାବେଳେ ସଙ୍କର ଗୋରୁଙ୍କୁ ଗୁହାଳରେ ନ ବାନ୍ଧି ଗଛ ଛାଇରେ ବାନ୍ଧନ୍ତୁ ।
- ★ ଗୋରୁମାନଙ୍କୁ ସବୁବେଳେ ନିର୍ମଳ ଓ ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ ।

## ଖରାଦିନେ କ୍ଷୀରର ଯତ୍ନ

- ★ ଖରାଦିନେ ଦୁଗ୍ଧ ବୋତଲକୁ ଓସାରିଆ ପାଣି ପାତ୍ର ଭିତରେ ରଖନ୍ତୁ । ତା' ଉପରେ ଗୋଟିଏ ସଫା କନା ଘୋଡେଇ ଦିଅନ୍ତୁ ।
- ★ ଗୋଟିଏ ଓସାରିଆ ପାତ୍ରରେ ଦୁଗ୍ଧ ରଖି ତହିଁରେ ଗୋଟିଏ ପତଳା କନା ଘୋଡାଇ ଦେଲେ ଜଳର ବାଷ୍ପୀକରଣ ପ୍ରକ୍ରିୟା ଅନୁସାରେ ଦୁଗ୍ଧ ଥଣ୍ଡା ରହିବ ।
- ★ ପୂର୍ବ ଦିନର ଦୁଗ୍ଧ ସହ ସଦ୍ୟ ଦୁଗ୍ଧ ମିଶାନ୍ତୁ ନାହିଁ ।
- ★ ଅଳ୍ପ କ୍ଷୀର ଥିଲେ ଫ୍ରିଜ୍‌ରେ ରଖନ୍ତୁ ।

## ଚେହେରା ଅନୁସାରେ ଗୋରୁ ନିର୍ବାଚନ

ଶରୀରର ଗଠନ ଦେଖି ଗୋଟିଏ ପଶୁର ସ୍ୱାସ୍ଥ୍ୟ ଓ ଉତ୍ପାଦନ କ୍ଷମତା ଜାଣି ହେବ । ଏଥି ସକାଶେ ପଶୁଟିର ଶରୀରର ବିଭିନ୍ନ ଅଂଶକୁ ଭଲ ଭାବରେ ପରୀକ୍ଷା କରାଯିବା ଦରକାର । ନିମ୍ନରେ ଭଲ ଓ ସ୍ୱାସ୍ଥ୍ୟବାନ ପଶୁଟିର ବିଭିନ୍ନ ଅଂଶର ବିବରଣୀ ଦିଆଗଲା । ଯାହା ବିଚାରକୁ ନେଇ ପଶୁଟିଏ ବାଛି ହେବ ।

୧. (Gait)ଗୋଡ ବିନ୍ୟାସ – ଭଲ ଭାବରେ ଚାଲୁଥିବ ଓ ଛୋଟାଉ ନ ଥିବ ।
୨. ଚର୍ମ ଓ ଲୋମ – ମସୃଣ, ଚିକ୍କଣ ହୋଇଥିବ ଏବଂ ଟିଙ୍କ ବା ଉକୁଣୀ ହୋଇ ନ ଥିବ ।
୩. ଆଖି – ଉଜ୍ଜ୍ୱଳ ହୋଇଥିବ ଓ ନେଙ୍ଗରା ବୋହୁ ନ ଥିବ ।
୪. କାନ – ସବୁବେଳେ ଠିଆହୋଇ ରହିଥିବ ଓ ନେଙ୍ଗରା ବୋହୁ ନ ଥିବ ।
୫. ଶିଙ୍ଗ – ମସୃଣ ହୋଇଥିବ ।
୬. ଥୋମଣି – ଓଦାଳିଆ, କଳା ଓ ଥଣ୍ଡା ହୋଇଥିବ ।
୭. ମୁହଁ – ତଳକୁ ଓହଳି ନ ଥିବ ।
୮. ନାକ ପୁଡା – ଶିଙ୍ଗାଣି ବୋହୁ ନ ଥିବ ।

୯. କ୍ଷୁଧା – ସାଧାରଣ ଖାଇବା ଅଭ୍ୟାସ ।

୧୦. ରୋମନ୍ଥନ – ବିଶ୍ରାମ ସମୟରେ ରୋମନ୍ଥନ କରୁଥିବ ।

୧୧. ବକ୍ଷ (Thorax) – ଓସାରିଆ ହୋଇଥିବ ଓ ପଞ୍ଜରା ଅସ୍ଥି ଦେଖାଯାଉ ନ ଥିବ ।

୧୨. ପାର୍ଶ୍ୱ(Flank) – ଖାଲୁଆ ଦେଖାଯାଉଥିବ । ଯଦି ପୂରିଯାଇଥିବ, ତେବେ ପେଟରେ ଗ୍ୟାସ୍ କିମ୍ବା ଖାଦ୍ୟଗୁମା (Impaction) ହୋଇଛି ବୋଲି ଜଣାଯିବ ।

୧୩. ଦୁଗ୍ଧଶିରା – ରକ୍ତ ନାଡି ସୁସ୍ପଷ୍ଟ ହୋଇଥିବା ଉଚିତ୍ (ପହ୍ନାର ଅଗରେ) ।

୧୪. ପହ୍ନା – ନରମ ଓ ସଞ୍ଜ ପରି ହୋଇଥିବା ଦରକାର । ଟାଣ ହେବା ଅନୁଚିତ ।

୧୫. ଚିର – ପହ୍ନାର ଚାରି କୋଣରେ ଥିବା ଉଚିତ୍ ଏବଂ ନରମ ଓ ମାଂସଳ ହୋଇଥିବା ଦରକାର ।

୧୬. କ୍ଷୀର – ପରିଷ୍କାର ହୋଇଥିବା ଦରକାର । ଏଥିରେ ରକ୍ତ, ପୂଜର ଖଦଡା ଦେଖାଯିବା ଅନୁଚିତ । ଏହା ପରୀକ୍ଷା କରିବା ପାଇଁ ଅଳ୍ପ କେତେ ଟୋପା ଦୁଗ୍ଧକୁ ଗୋଟିଏ କଳା ଓସାରିଆ ବସ୍ତୁରେ ପକାଇଲେ ଯଦି ପହ୍ନା ଫୁଲା ରୋଗ ଥିବ, ତେବେ ଦୁଗ୍ଧରେ ଖଦଡା ଅଂଶ ଦେଖାଯିବ ।

୧୭. ଯୋନିଦ୍ୱାର – କୌଣସି ଲାଳ ବାହାରି ନ ଥିବ । ଲାଙ୍ଗୁଡର ଭିତର ଅଂଶ ଗୋବର ହୋଇ ନ ଥିବ । ଯଦି ହୋଇଥାଏ ତେବେ ଗାଇ ଦେହରେ କୌଣସି ରୋଗ ହୋଇଥିବାର ସନ୍ଦେହ ହେବ ।

୧୮. ଗୋବର – ଅଧିକ କଠିନ କିମ୍ବା ଅଧିକ ତରଳ ହୋଇ ନ ଥିବ । ଯଦି ଲାଙ୍ଗୁଡରେ ଗୋବର ଲାଗିଥାଏ ତେବେ ତରଳ ଝାଡା ହେଉଛି ବୋଲି ସନ୍ଦେହ ହେବ ।

୧୯. ମୂତ୍ର – ସଫା ହେବା ଉଚିତ । କୁଟା ରଙ୍ଗର ଦେଖାଯିବା ଦରକାର ଓ ଏଥିରେ କୌଣସି ଖଦଡା ଅଂଶ ନ ଥିବା ଉଚିତ୍ ।

୨୦. ବିବିଧ – ଦୁଧିଆଳୀ ଗାଈକୁ ତାର ୨ୟ ଛୁଆ ହେବା ପୂର୍ବରୁ କିଣିବା ଉଚିତ୍ । କାରଣ ବୟସ୍କ ଗାଈମାନେ ଅଳ୍ପ ବର୍ଷ ପର୍ଯ୍ୟନ୍ତ ପ୍ରଜନନକ୍ଷମ ରୁହନ୍ତି ।

# ଦୁଗ୍ଧ ଉତ୍ପାଦନ ଓ ଯତ୍ନ

## ପରିଷ୍କାର ଦୁଗ୍ଧ ଉତ୍ପାଦନ

ଠିକ୍ ଭାବରେ କହିବାକୁ ଗଲେ 'ପରିଷ୍କାର ଦୁଗ୍ଧ'ର ସଂଜ୍ଞା ହେଉଛି ଯେ ଯେଉଁ ଦୁଗ୍ଧରେ କୌଣସି ବାହାର ଜିନିଷ; ଯଥା– ଜୀବାଣୁ, ଧୂଳି ଓ ମଳି ଯଦି ଥିବ, ସେପରି ଦୁଗ୍ଧକୁ ବାଦ୍ ଦେବା । କିନ୍ତୁ ବ୍ୟାବହାରିକ କ୍ଷେତ୍ରରେ ପରିଷ୍କାର ଦୁଗ୍ଧର ସଂଜ୍ଞା ହେଲା ଯେ ଯେଉଁ ଦୁଗ୍ଧ ଗୋଟିଏ ସୁସ୍ଥ ସବଳ ଗାଈଠାରୁ ଦୁହାଁ ହୋଇଥିବ, ସୁବାସିତ ହୋଇଥିବ ଏବଂ

ସେଥିରେ କୌଣସି ଧୂଳି ପ୍ରଭୃତି ନ ଥିବ ଓ ଅଳ୍ପ ପରିମାଣରେ ଜୀବାଣୁ ଥିବେ, ଯାହାକି ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ ହୋଇ ନ ଥିବ ।

## ପରିଷ୍କାର ଦୁଗ୍ଧ ଉତ୍ପାଦନର ଗୁରୁତ୍ୱ

ଦୁଗ୍ଧ ଖୁବ୍ ଶୀଘ୍ର ନଷ୍ଟ ହୋଇଯାଏ । ଅପରିଷ୍କାର ଦୁଗ୍ଧ ଆହୁରି ଶୀଘ୍ର ନଷ୍ଟ ହୋଇଯାଏ । ଖଟା ଓ ଦୁର୍ଗନ୍ଧପୂର୍ଣ୍ଣ ଦୁଗ୍ଧ ଓ ଲହୁଣୀ ସହଜରେ ବିକ୍ରୀ ହୋଇପାରେ ନାହିଁ । ଯଦିବା ଗୋପାଳକ ବିକ୍ରୀ କରିବାର କେବେ ସୁବିଧା ପାଏ, ତେବେ ଭଲ ଦୁଗ୍ଧକୁ ଯେତିକି ପଇସାରେ ବିକନ୍ତା, ଏଇ ଦୁଗ୍ଧକୁ ତାଠୁଁ ବହୁ କମ୍ ଦରରେ ବିକ୍ରୀ କରିଥାଏ । ଆହୁରି ମଧ୍ୟ ଅପରିଷ୍କାର ଦୁଗ୍ଧ ଓ ତହିଁରୁ ଜାତ ଦ୍ରବ୍ୟର ଗୁଣାତ୍ମକମାନ ଭଲ ଦୁଗ୍ଧ ଓ ତହିଁରୁ ଉତ୍ପନ୍ନ ଦ୍ରବ୍ୟଠାରୁ ନିକୃଷ୍ଟ ଧରଣର ହୋଇଥାଏ । ଅନ୍ୟ ପକ୍ଷରେ ଉତ୍କୃଷ୍ଟ ମାନର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ କେବଳ ଯେ ଅଧିକ ଅର୍ଥକାରୀ ତା ନୁହେଁ ଅଧିକ ପରିମାଣରେ ମଧ୍ୟ ଖିଆଯାଇଥାଏ । ଏହା ଫଳରେ ଗୋପାଳକର ବଜାର ଚାହିଦା ମଧ୍ୟ ବଢିଥାଏ । ଖାଉଟି ପ୍ରଥମରେ ନିକୃଷ୍ଟ ଗୁଣର ଦୁଗ୍ଧକୁ ନାପସନ୍ଦ କରୁଥିବା ସ୍ଥଳେ ଉତ୍କୃଷ୍ଟ ଗୁଣର ଦୁଗ୍ଧର ବଜାରରେ ଚାହିଦା ବଢିଥାଏ ।

କେବଳ ସ୍ୱାସ୍ଥ୍ୟ ଦୃଷ୍ଟିରୁ ନିକୃଷ୍ଟ ଗୁଣର ଦୁଗ୍ଧକୁ ଖାଉଟୀ ପସନ୍ଦ କରେ ନାହିଁ, ଏଇଟା ଏକମାତ୍ର କାରଣ ନୁହେଁ । ନିକୃଷ୍ଟ ଗୁଣର ଦୁଗ୍ଧକୁ ବେଶୀ ସମୟ ରଖିବା ସମ୍ଭବ ନୁହେଁ, କାରଣ ଏହା ଶୀଘ୍ର ନଷ୍ଟ ହୋଇଯାଏ । ଦୁଗ୍ଧ ଯେତେ ପରିଷ୍କାର ରହିବ, ତାହା ସେତେ ବେଶୀ ସମୟ ନିଖୁଣ ଓ ସ୍ୱାସ୍ଥ୍ୟପ୍ରଦ ଅବସ୍ଥାରେ ରହିପାରିବ ।

## ପରିଷ୍କାର ପରିସର - (ଅଗଣା ପ୍ରଭୃତି)

ପରିଷ୍କାର ପରିଚ୍ଛନ୍ନ ଗୁହାଳ ହୋଇଥିଲେ ଗାଈମାନେ ମଧ୍ୟ ପରିଷ୍କାର ପରିଚ୍ଛନ୍ନ ରୁହନ୍ତି । ଗୁହାଳର ଚଟାଣଟି ଜଳ ନିରୋଧକ (Waterproof) ହେବା ଦରକାର, ଯେପରିକି ଏହାକୁ ସହଜରେ ପରିଷ୍କାର ଓ ବିଶୋଧନ କରାଯାଇପାରିବ । ଗୁହାଳରେ ଗୋରୁଙ୍କ ପଛ ଭାଗରେ ଗୋଟିଏ ୧୬ ଇଞ୍ଚ ରୁ ୧୮ ଇଞ୍ଚ x ୭ ଇଞ୍ଚ ଗଭୀରର ନଳା ଦରକାର ଓ ନଳାଟି ଆସ୍ତେ ଆସ୍ତେ ଗଡାଣିଆ ହୋଇ ପଦାକୁ ଯାଇଥିବା ଦରକାର । ଏହାଦ୍ୱାରା ଗୁହାଳରୁ ମୂତ୍ର ଓ ଗୁହାଳ ଧୂଆ ପାଣି ଭଲ ଭାବରେ ନିଷ୍କାସିତ ହୋଇପାରିବ । ଛାତ ଓ କାନ୍ଥ ସମତଳ ଓ ମସୃଣ ହେବା ଦରକାର । ଯେପରି ବୁଢିଆଣୀ ଜାଲ, ଧୂଳି, ଅଳିଆ ପ୍ରଭୃତି ସହଜରେ ଲାଗି ପାରିବ ନାହିଁ । ଏଥିରେ ଆଲୋକ ଭଲଭାବରେ ପ୍ରବେଶ କରିପାରୁଥିବ ଓ ଭଲଭାବରେ ବାୟୁ ଚଳାଚଳ କରୁଥିବ । ଗୋଟିଏ ଗାଈ ପାଇଁ ୪ ବର୍ଗଫୁଟର ଝରକା ରଖିଲେ ଯଥେଷ୍ଟ ହେବ । ଝରକାରେ ମଶା, ମାଛି ନିରୋଧକ ଜାଲି ଲଗାଇଦେବା ଉଚିତ୍ । ଯଦି ଗୁହାଳଟି ଉତ୍ତର-ଦକ୍ଷିଣ ଦିଗକୁ ତିଆରି କରାଯିବ, ତେବେ ସେଥିରେ ସକାଳେ ଓ ସନ୍ଧ୍ୟାରେ ସୂର୍ଯ୍ୟକିରଣ ପଡିପାରିବ ।

ଗୁହାଳରେ ସବୁବେଳେ କିଛି ପରିମାଣରେ ଧୂଳି ରହିବ ଓ ଗାଈ ଦୁହିଁବା ପୂର୍ବରୁ ଧୂଳି ବସିଯିବା ନିହାତି ଦରକାର । ସାଧାରଣ ଜଳ ସିଞ୍ଚା ଯନ୍ତ୍ର ଦ୍ୱାରା ଗୁହାଳରେ ଜଳ ସିଞ୍ଚି ଦେଲେ

ଧୂଳି ବସିଯିବ । ଗାଈ ଦୁହିଁବାର ଘଣ୍ଟାଏ ପୂର୍ବରୁ ସେମାନଙ୍କୁ ନଡା, କୁଟା ବା ଘାସ ଖାଇବାକୁ ଦିଅନ୍ତୁ ନାହିଁ । କାରଣ ଏହାଦ୍ୱାରା ଗୁହାଳରେ ଧୂଳି ଉଡିଥାଏ । ଧୂଳି ଉଡୁ ନ ଥିବା ସୁକ୍ଷମ ଦାନା ଦିଆଯାଇପାରେ, ଯାହାକି ଗାଈଟିକୁ ଦୁଗ୍ଧ ଦୁହିଁବାବେଳେ ଧୀର ସ୍ଥିର ଓ ଶାନ୍ତ କରି ରଖିଥାଏ । ଗାଁ ଗହଳିରେ ଗାଈ ଓ ମଇଁଷିମାନଙ୍କୁ ପରିଷ୍କାର ସ୍ଥାନକୁ ନେଇ ଦୁହାଁ ଯାଇପାରେ । ଗୁହାଳରେ ପାଣି ଛାଟି ସବୁ ସମୟରେ ଏହାକୁ ସଫାସୁତୁରା କରିବା ଦରକାର । ନଳାକୁ ମଧ୍ୟ ପରିଷ୍କାର ରଖିବା ଦରକାର ।

ମଶା, ମାଛି ଓ ଟିଙ୍କର ପ୍ରାଦୁର୍ଭାବ କମେଇବା ପାଇଁ ଗୁହାଳକୁ ବାରମ୍ବାର ଚୂନ ଧଉଳା କରିବା ଦରକାର । ଛାତର ଭିତର ଭାଗକୁ ମଧ୍ୟ ଚୂନ ଧଉଳା କରିବା ନିହାତି ଦରକାର ।

## ପରିଷ୍କାର ପରିଚ୍ଛନ୍ନ ଓ ସ୍ୱାସ୍ଥ୍ୟବତୀ ଗାଈ

ପରିଷ୍କାର ଦୁଗ୍ଧ ଉତ୍ପାଦନ ପାଇଁ ଗୋଟିଏ ସୁସ୍ଥ ସବଳ ଓ ମନୁଷ୍ୟକୁ ସଂକ୍ରମିତ ରୋଗ ନ ଥିବା ଗାଈ ବାଛିବା ଏକ ପ୍ରଧାନ ପଦକ୍ଷେପ । ଯକ୍ଷ୍ମା ଏପରି ଏକ ରୋଗ; ଯାହାକି ଦୁଗ୍ଧ ଦ୍ୱାରା ମନୁଷ୍ୟକୁ ସଂକ୍ରମିତ ହୋଇଥାଏ । ଗାଈ କିଣିବା ବେଳେ ଗାଈଟି ଗର୍ଭପାତ ରୋଗ (Brucellosis) ଦ୍ୱାରା ଆକ୍ରାନ୍ତ କି ନୁହେଁ ତାହା ଭଲ ଭାବରେ ପରୀକ୍ଷା କରି କିଣିବା ଉଚିତ୍ । କାରଣ ଏହି ରୋଗର ଜୀବାଣୁ ଦୁଗ୍ଧ ମାଧ୍ୟମରେ ଆସିଥାନ୍ତି ଏବଂ ଦୁଗ୍ଧକୁ ସଂକ୍ରମଣ କରିଥାନ୍ତି । ଏହି ରୋଗର ଜୀବାଣୁ ମନୁଷ୍ୟକୁ ଆକ୍ରାନ୍ତ କରୁଥିବାରୁ, ଗାଈ କିଣିବା ପୂର୍ବରୁ ଗାଈକୁ ଭଲଭାବରେ ପରୀକ୍ଷା କରି କିଣିବା ଉଚିତ୍ ।

ଗାଈର ଯେଉଁ ସବୁ ଅଂଶ ଦୁଗ୍ଧ ପାତ୍ର ଉପରକୁ ରହିଛି, ଅର୍ଥାତ୍ ପେଟ, ପହ୍ନା ପ୍ରଭୃତି ସେଗୁଡିକ ଜୀବାଣୁ ସଂସ୍ପର୍ଶରେ ଆସିଥାନ୍ତି । ଗୋବର, ଛିଣ୍ଡା ଲୋମ, ବିଛଣା ଓ ଅନ୍ୟାନ୍ୟ ବାହାର ଜିନିଷ ମଧ୍ୟ ଦୁଗ୍ଧ ପାତ୍ରରେ ପଡିଯିବାର ସମ୍ଭାବନା ଥାଏ । ତେଣୁ ଦୁହିଁବା ପୂର୍ବରୁ ଗାଈମାନଙ୍କୁ ସଫାସୁତୁରା କରିବା ଦରକାର । ପହ୍ନାର ଚାରିପାଖରେ ଥିବା ଲମ୍ବା ଲୋମଗୁଡିକୁ ଛୋଟ କରି କାଟିଦେବା ଦରକାର ।

ଗୋଟିଏ ଓଦା ବ୍ରସ୍‌ରେ ଗାଈର ପହ୍ନା ଓ ତା'ର ଚାରିକଡ ଏବଂ ଲାଙ୍ଗୁଡକୁ ଘଷି ସଫା କରିଦେବା ଦରକାର । ଲାଙ୍ଗୁଡ ଓ ପହ୍ନା କଡରେ ଏବଂ ପହ୍ନାଠାରୁ ଲାଙ୍ଗୁଡ ପର୍ଯ୍ୟନ୍ତ ଶରୀରାଂଶରେ ଲାଗିଥିବା ଶୁଖିଲା ଗୋବର ପ୍ରଭୃତିକୁ ପାଣିରେ ଧୋଇ କିମ୍ବା ପାଣି ମିଶା ବିଶୋଧକ ଔଷଧରେ ଧୋଇ ପରିଷ୍କାର କରିବା ଦରକାର । ଲାଙ୍ଗୁଡ ମୁଠା (ଲାଙ୍ଗୁଡ ଅଗରେ ଥିବା ଲୋମ)କୁ ପ୍ରଥମେ ପାଣି ପାତ୍ରରେ ବୁଡାଇ ରଖିବା ଦରକାର । ଏହା ଭଲଭାବରେ ଭିଜିଗଲା ପରେ ଏହାକୁ ଧୋଇ ସଫା କରିବା ଉଚିତ । ଏହାପରେ ଏହାକୁ ଗୋଟିଏ ସଫାକନାରେ ପୋଛି ଶୁଖାଇବା ଦରକାର । ଦୁଗ୍ଧ ଦୁହିଁବାର ୧୫ ମିନିଟ୍‌ରୁ ୩୦ ମିନିଟ୍ ପୂର୍ବରୁ ଗାଈଟିକୁ ଧୋଇବା ଓ ସଫାସୁତୁରା କରିବା କାମ ଶେଷ କରାଯିବା ଉଚିତ୍ । ସଫାସୁତୁରା କଲାବେଳେ ମୁଖ୍ୟତଃ ପହ୍ନା ଓ ଚିରକୁ ସଫା କରିବା ଓ ଶୁଖିଲା ପରିଷ୍କାର କନାରେ ପୋଛିଦେବା ଦରକାର । ବିଶେଷତଃ ଚିର ଭିତରେ ଥିବା ଖୋଲା ଜାଗା ଓ ଚିରର

ରନ୍ଧ୍ରକୁ ସଫାକରି ପୋଛି ଦେବା ଦରକାର । ଟିପେ ପଟାସ ପାରମାଙ୍ଗାନେଟ୍‌କୁ ବାଲିଟିଏ ପାଣିରେ ମିଶାଇ ପହ୍ନା ଓ ଚିର ପ୍ରଭୃତି ଧୋଇବା ଦରକାର । (ଶୀତଦିନେ ପାଣି ସାମାନ୍ୟ ଉଷୁମ ହେଲେ ଭଲ) ।

## ପରିଷ୍କାର ପରିଚ୍ଛନ୍ନ ଦୁହାଁଳି ଏବଂ ଦୁଗ୍ଧ କାରବାରକାରୀ

ଯକ୍ଷ୍ମା ବ୍ୟତୀତ ଆହୁରି କେତେକ ରୋଗ ମଧ ଦୁଗ୍ଧ ମାଧ୍ୟମରେ ମନୁଷ୍ୟଙ୍କୁ ବ୍ୟାପିଥାଏ । ଏପରି କ୍ଷେତ୍ରରେ ଦୁହାଁଳିମାନଙ୍କ ଦ୍ୱାରା, ମାଛି ଦ୍ୱାରା ସଂକ୍ରମିତ ପାଣି ଓ ପାତ୍ର ଦ୍ୱାରା ଦୁଗ୍ଧ ସଂକ୍ରମିତ ହୋଇଥାଏ । ଯେଉଁ ମନୁଷ୍ୟ ରୋଗଗୁଡିକ ଦୁଗ୍ଧ ମାଧ୍ୟମରେ ବ୍ୟାପିଥାଏ, ସେଗୁଡିକ ହେଲା କଲେରା, ଟାଇଫଏଡ ଏବଂ ଆରକ୍ତ ଜ୍ୱର (Scarlet fever) ପ୍ରଭୃତି । ଯେଉଁ ଲୋକମାନେ ଗାଈ ଦୁହଁନ୍ତି, ସେମାନେ ବାହରକୁ ସୁସ୍ଥ ସବଳ ଓ କାର୍ଯ୍ୟଦକ୍ଷ ଦେଖାଯାଉଥିଲେ ମଧ ସେମାନେ ଏହି ଜୀବାଣୁଗୁଡିକର ବାହକ ହୋଇପାରିଥାନ୍ତି ଓ ସେମାନଙ୍କ ଦ୍ୱାରା ରୋଗ ଜୀବାଣୁ ଦୁଗ୍ଧ ମାଧ୍ୟମରେ ସୁସ୍ଥ ଲୋକଙ୍କୁ ଆକ୍ରାନ୍ତ କରିଥାନ୍ତି । ତେଣୁ ଦୁହାଁଳିମାନଙ୍କୁ ମଝିରେ ମଝିରେ ଡାକ୍ତରୀ ପରୀକ୍ଷା କରାଯିବା ଦରକାର ।

ଯେଉଁ ଲୋକମାନେ ଦୁଗ୍ଧ ଦୁହଁନ୍ତି, ସେମାନେ ଯେ କେବଳ ଭଲ ଦୁଗ୍ଧ ଦୁହାଁଳି ହୋଇଥିବେ ତା ନୁହେଁ, ସେମାନଙ୍କର ପରିଷ୍କାର ପରିଚ୍ଛନ୍ନ ଓ ସ୍ୱାସ୍ଥ୍ୟକର ଭାବରେ ରହିବାର ଅଭ୍ୟାସ ଥିବ । ଦୁହାଁଳିମାନେ ଦୁହିଁବା ପୂର୍ବରୁ ସେମାନଙ୍କର ହାତ, ପାପୁଲି ଓ ଅଙ୍ଗୁଳି ପ୍ରଭୃତିକୁ ସାବୁନରେ ଧୋଇ, ଘଷି ପରିଷ୍କାର କରିବା ଦରକାର ଓ ଦୁହିଁବାପରେ ମଧ ସେହିପରି କରିବା ଦରକାର । ଅଙ୍ଗୁଳିର ନଖଗୁଡିକୁ କାଟିଦେବା ଦରକାର ଓ ସଫାସୁତୁରା ରଖିବା ମଧ ଦରକାର । ଦୁହିଁବାବେଳେ ମୁଣ୍ଡରେ ଲୁଗା ବାନ୍ଧିଲେ ବା ପଗଡି ଦେଲେ, ମୁଣ୍ଡର ବାଳ ଦୁଗ୍ଧରେ ପଡିଯିବାର ସମ୍ଭବନା ନ ଥାଏ ।

ଦୁଗ୍ଧ ଦୁହିଁବା ପୂର୍ବରୁ ଆଉ ଗୋଟିଏ ବଡ କଥା ମନେରଖିବା ଦରକାର । ପ୍ରତି ଚିରରୁ ଠୋପାଏ, ଦି ଠୋପା ଦୁଗ୍ଧ ଦୁହିଁବା ପୂର୍ବରୁ ପଦାକୁ ବାହାର କରିଦେବା ଉଚିତ । ଏହାଦ୍ୱାରା ଚିର ମୁହଁରେ ଥିବା ଜୀବାଣୁ ବାହାରିଯିବେ । ଏହାକୁ କେବେହେଁ ଭୁଲିବା ଉଚିତ ନୁହେଁ । ଦୁଗ୍ଧକୁ ପଦାକୁ ନ ପକାଇ ଗୋଟିଏ ଅଲଗା ପାତ୍ରରେ ସଂଗ୍ରହ କରାଯାଇପାରେ ଓ ସଂଗେ ସଂଗେ ବାହାରକୁ ନିଆଯାଇପାରେ । ପରେ ଏହି ଦୁଗ୍ଧକୁ ଘୁଷୁରିକୁ ଖାଇବାକୁ ଦିଆଯାଇ ପାରିବ । ଏହି ଦୁଗ୍ଧକୁ ନେଇ ପହ୍ନାଫୁଲା (Mastitis) ରୋଗ ହୋଇଛି କି ନା ତାହା ମଧ ପରୀକ୍ଷା କରାଯାଇ ପାରିବ ।

## ଠିକ୍ ଭାବରେ ଦୁଗ୍ଧ ଦୁହିଁବା ପ୍ରଣାଳୀ

ଠିକ୍ ଭାବରେ ଦୁଗ୍ଧ ଦୁହିଁବା ପ୍ରଣାଳୀ ହେଲା ଯେ, ହାତ ପୂରା ମୁଠାକରି ଓ ଶୁଖିଲା ହାତରେ ଗାଈ ଦୁହିଁବା । ହାତ ଶୁଖିଲା ରହିବା ସଂଗେ ସଂଗେ ପହ୍ନା ଓ ଚିର ମଧ ଶୁଖିଲା ରହିବା ଦରକାର । ସବୁ ଅଙ୍ଗୁଳି ଓ ପାପୁଲି ଦୁଗ୍ଧ ଦୁହିଁଲାବେଳେ, ଦୁହିଁବାରେ ଲାଗିବା ଉଚିତ୍ । ଦୁହିଁବାବେଳେ ପୂରା ଚିରଟିକୁ ମୁଠି ମଧରେ ରଖିବା ଉଚିତ ଯେପରି ଅଙ୍ଗୁଳିଗୁଡିକ ଏହାକୁ

ଘେରି ରହିଥିବେ । ବୁଢା ଆଙ୍ଗୁଳିଟିକୁ ଭିତର ଆଡକୁ ବଙ୍କା କରନ୍ତୁ ନାହିଁ । କାରଣ ଏହାର କଠିନ ଅଙ୍ଗୁଳି ଗ୍ରନ୍ଥିଗୁଡିକ ଚିରକୁ ଚାପି ଧରେ, ଏହାଦ୍ୱାରା ଚିର ଫାଟି ଯିବାର ସମ୍ଭାବନା ଥାଏ । ଚିର କିମ୍ବା ଅଙ୍ଗୁଳିଗୁଡ଼ିକୁ ଓଦା କରନ୍ତୁ ନାହିଁ, କାରଣ ଏହାଦ୍ୱାରା ଚିର ଫାଟିଯିବାର ସମ୍ଭାବନା ଥାଏ । ପ୍ରତିଥର ଦୁହିଁ ସାରିବା ପରେ ଚିରଗୁଡ଼ିକୁ ପୋଛି ଶୁଖାଇ ଦିଅନ୍ତୁ ।

ଚିରଗୁଡ଼ିକୁ ତଳଆଡକୁ ଟାଣି ଦୁହିଁବା ଉଚିତ୍ ନୁହେଁ । ଚିରଗୁଡ଼ିକୁ କ୍ରମାନ୍ୱୟରେ ଚାପା ଦେଇ ଓ ପୁଣି ଢିଲା କରି ଦୁହିଁବା ଉଚିତ । ଦୁହିଁବାର ଶେଷ ଆଡକୁ ଚିରକୁ ବୁଢା ଆଙ୍ଗୁଳି ଓ ପ୍ରଥମ ଦୁଇଟି ଆଙ୍ଗୁଳିରେ ଜୋର୍‌ରେ ଧରି ଆସ୍ତେ ଆସ୍ତେ ଟାଣିଲେ ଦୁଗ୍‌ଧର ଶେଷ ଠୋପା ଚିରରୁ ବାହାରି ଆସିବ । ଏହାକୁ ଇଂରାଜୀରେ (Stripping) ନିଷ୍କାସନ କୁହାଯାଏ ।

## ଦୁଗ୍‌ଧ ଦୁହାଁ ପାତ୍ର ଓ ଦୁଗ୍‌ଧ ସଂରକ୍ଷଣ

ଗାଈ, ଦୁହାଁଳି ଓ ଗୁହାଳ ବ୍ୟତୀତ ଗାଈ ଦୁହାଁ ପାତ୍ର ଏବଂ ଦୁଗ୍‌ଧ ସଂଗ୍ରହ ପାତ୍ର ଏବଂ ଦୁଗ୍‌ଧ ବ୍ୟବହାରର ପନ୍ଥା ମଧ୍ୟ ଦୁଗ୍‌ଧର ସଂରକ୍ଷଣ ଗୁଣ ଓ ପୁଷ୍ଟିକାରିତା ଉପରେ ପ୍ରଭାବ ପକାଇଥାଏ । ତେଣୁ ଏସବୁର କିପରି ଯତ୍ନ ନେବାକୁ ହେବ, ସେ ସମ୍ବନ୍ଧରେ ଜାଣିବା ଦରକାର ।

## ଦୁଗ୍‌ଧ ଦୁହାଁ ପାତ୍ର ଓ ଅନ୍ୟାନ୍ୟ ପାତ୍ର

ଦୁଗ୍‌ଧ ଦୁହାଁ ପାତ୍ର - ଅଧିକାଂଶ ଅଳିଆ; ଯାହାକି ଦୁଗ୍‌ଧରେ ଦେଖାଯାଏ, ତାହା ଦୁଗ୍‌ଧ ଦୁହିଁବା ସମୟରେ ଦୁଗ୍‌ଧ ପାତ୍ରରେ ପଡିଯାଏ । ଯଦି ଅଣଓସାରିଆ ମୁହଁଥିବା ଦୁଗ୍‌ଧ ଦୁହାଁ ପାତ୍ର ବ୍ୟବହାର କରାଯାଏ, ତେବେ ଅଳ୍ପ ସଂଖ୍ୟକ ଜୀବାଣୁ ଓ ଅଳିଆ ଦୁଗ୍‌ଧରେ ଦେଖାଯାଏ । ମାତ୍ର ଯଦି ଓସାରିଆ ମୁଁ ପାତ୍ର ବ୍ୟବହାର କରାଯାଏ ତେବେ ଅଧିକ ସଂଖ୍ୟକ ଜୀବାଣୁ ଓ ଅଳିଆ ଦୁଗ୍‌ଧରେ ଦେଖାଯାଏ । ସାଧାରଣତଃ ଦୁଗ୍‌ଧ ଦୁହିଁବାବେଳେ ବାଲିଡି ବ୍ୟବହାର କରାଯାଏ ଏବଂ ଏହାର ମୁହଁ ଓସାରିଆ ଥିବାରୁ ସହଜରେ ଦୁଗ୍‌ଧ ସଂଗ୍ରହ କରାଯାଇପାରେ । କିନ୍ତୁ ଏପରି ଖୋଲା ପାତ୍ରରେ ଦୁହିଁବା ଉଚିତ୍ ନୁହେଁ; କାରଣ ପହ୍ଲାରୁ, ଗୋଡ ଖୋଲରୁ କିମ୍ବା ଲାଞ୍ଜରୁ ସାମାନ୍ୟତମ ମଇଳା ପାତ୍ରରେ ପଡିଲେ କିମ୍ବା ପବନରୁ କିଛି ଅଳିଆ ପାତ୍ରରେ ପଡିଲେ ଏହା ଦୁଗ୍‌ଧରେ ମିଶିଥାଏ । ତେଣୁ ଓଳଣୀ ଥିବା ପାତ୍ର ବ୍ୟବହାର କରିବା ପାଇଁ ଅନୁମୋଦନ କରାଯାଇଛି । ଆବଶ୍ୟକତା ଅନୁସାରେ ଏହା ବିଭିନ୍ନ ଆକାରର ହୋଇପାରେ । ଏହାର ମୁହଁ ଅଣଓସାରିଆ ଓ ଏହା ଲମ୍ବାଳିଆ ହୋଇଥିବା ଦରକାର । ତେଣୁ ଅଳ୍ପ ମଇଳା ପଶିପାରିବ । ଏହାର ମୁହଁ ୪ ଇଞ୍ଚରୁ ୮ ଇଞ୍ଚ ଓସାର ହେବା ଉଚିତ । ଏହା ପନ୍ଦ ମସୃଣ ହେବା ଦରକାର; ଯେପରି ଏହାକୁ ସହଜରେ ସଫା କରାଯାଇପାରିବ ।

## ଦୁଗ୍‌ଧ ସଂରକ୍ଷଣ ପାତ୍ର

ଯେଉଁ ଦୁଗ୍‌ଧ ପାତ୍ରଗୁଡିକ ଠିକ୍ ଭାବରେ ସଫା ହୋଇ ନ ଥାଏ, ସେଥିରେ ବହୁତ ଜୀବାଣୁ ଥାଆନ୍ତି । ଭାରତରେ ସାଧାରଣତଃ ଅପରିଷ୍କାର ପାତ୍ରରେ ବଜାରରେ ଦୁଗ୍‌ଧ ବିକ୍ରି

କରାଯାଉଥିବାରୁ, ସେଥିରେ ବହୁ ଜୀବାଣୁ ଥାଆନ୍ତି । ଦୁଗ୍ଧ ପରିବହନ ପାଇଁ ଢାଙ୍କୁଣି ଥିବା ଆଲୁମିନିୟମ୍ ପାତ୍ର କିମ୍ବା ଷ୍ଟେନ୍‌ଲେସ୍ ଷ୍ଟିଲ୍ ପାତ୍ର ଯେଉଁଥିରେ ଆଇ.ଏସ୍.ଆଇ. ମାର୍କ ଥିବ, ତାହା ବ୍ୟବହାର କରାଯାଇପାରିବ । ଯଦି ଟିଣ ବା କ୍ରୋମ୍ କଲେଇ କରା ଲୁହା ପାତ୍ର ଦୁଗ୍ଧ ପରିବହନ ପାଇଁ ବ୍ୟବହୃତ ହୁଏ, ତେବେ ଦେଖିବା ଉଚିତ ଯେ ସେଥିରେ ଯେପରି କୌଣସି କଳଙ୍କି ଲାଗି ନଥିବ । ଦୁଗ୍ଧର ଉତ୍ପାଦନ ପରିମାଣ ଅନୁସାରେ ଦୁଗ୍ଧ ପାତ୍ରର ଆକାର ହେବା ଦରକାର ।

## ଦୁଗ୍ଧ ପାତ୍ରକୁ ସଫାକରିବା ପ୍ରଣାଳୀ

ବ୍ୟବହାର ପରେ ପାତ୍ରଗୁଡ଼ିକୁ ଭଲ ଭାବରେ ସଫା କରନ୍ତୁ । ପାତ୍ରଗୁଡ଼ିକୁ ପ୍ରଥମେ ଭଲଭାବରେ ଥଣ୍ଡା ପାଣିରେ ଓ ତା'ପରେ କ୍ଷାର ଜାତୀୟ ଓ୍ୟାସିଂ ପାଉଡର ମିଶା ଗରମ ପାଣିରେ ବ୍ରସ୍‌ରେ ଭଲଭାବରେ ସଫା କରନ୍ତୁ । ତତ୍ପରେ ପ୍ରଚୁର ଥଣ୍ଡା ପାଣିରେ ଭଲଭାବରେ ଧୋଇ ଦିଅନ୍ତୁ । ଜୀବାଣୁଗୁଡ଼ିକୁ ନଷ୍ଟ କରିବା ପାଇଁ ପ୍ରଥମେ ପାତ୍ରଗୁଡ଼ିକୁ ବାଷ୍ପ ବା କ୍ଲୋରିନ୍ ସଲ୍ୟୁସନରେ କିମ୍ବା ପାଣିରେ ପକାଇ ଓ ତାହାକୁ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାଇବାକୁ ପଡ଼ିଥାଏ । ଯଦି ଏହା ପ୍ରତିଦିନ କରିବା ସମ୍ଭବ ନ ହୁଏ, ତା'ହେଲେ ୨-୩ ଦିନ ବ୍ୟବଧାନରେ କରିବା ଦରକାର । ଧୋଇବା ପରେ ପାତ୍ରଗୁଡ଼ିକୁ ଭଲଭାବରେ ଶୁଖାଇବା ଉଚିତ । ପାତ୍ରଗୁଡ଼ିକର ତଳପଟ ଉପରକୁ ରଖି ଅର୍ଥାତ୍ ପାତ୍ରଗୁଡ଼ିକୁ ଓଲଟାଇ ଖରାରେ ଅନ୍ତତଃ ୨-୩ ଘଣ୍ଟା ପର୍ଯ୍ୟନ୍ତ ଶୁଖାଇବା ନିହାତି ଦରକାର ।

ଯେଉଁ ରାସାୟନିକ ପଦାର୍ଥ ପାତ୍ରଗୁଡ଼ିକୁ ଧୋଇବା ପାଇଁ ବ୍ୟବହାର କରାଯାଏ, ସେଗୁଡ଼ିକ ହେଲା - ସୋଡ଼ିୟମ୍ ହାଇପୋକ୍ଲୋରାଇଟ୍ ଏବଂ କ୍ୟାଲ୍‌ସିୟମ୍ ହାଇପୋକ୍ଲୋରାଇଟ୍ । ଉତ୍କଟ ଗନ୍ଧ ଥିବା ରାସାୟନିକ ପଦାର୍ଥ ବ୍ୟବହାର କରନ୍ତୁ ନାହିଁ । ଗାଁଗହଳିରେ ମିଳୁଥିବା ଅଙ୍ଗାର ବା ପାଉଁଶକୁ ଦୁଗ୍ଧ ପାତ୍ରଗୁଡ଼ିକୁ ସଫା କରିବାରେ ବ୍ୟବହାର କରାଯାଏ । କିନ୍ତୁ ଏହାକୁ ବ୍ୟବହାର କଲେ, ପାତ୍ରଗୁଡ଼ିକୁ ଭଲଭାବରେ ଧୋଇବା ଦରକାର ।

## ଦୁହିଁବା ପରେ ଦୁଗ୍ଧର ବ୍ୟବହାର

**ସଂଗ୍ରହ** - ଯେଉଁଠି ଦୁଗ୍ଧ ପ୍ରତି ଗାଈଠୁଁ ଅଲଗା ଅଲଗା ପାତ୍ରରେ ସଂଗ୍ରହ କରାଯାଏ, ସେଠୁଁ ଯେତେ ଶୀଘ୍ର ସମ୍ଭବ ଦୁଗ୍ଧ କାରଖାନା ବା ଖାଉଟିମାନଙ୍କ ପାଖରେ ପହଞ୍ଚାଇବା ଆବଶ୍ୟକ । ଖୁବ୍ ଶୀଘ୍ର ଏହାକୁ ପଠାଇବା ଦରକାର; କାରଣ ଗୁହାଳରେ ବା ଗୁହାଳ ବାହାରେ ବାଲ୍‌ଟି ପ୍ରଭୃତିରେ ଦୁଗ୍ଧ ବେଶୀ ସମୟ ରହିଲେ ଏହା ଜୀବାଣୁଗୁଡ଼ିକ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଥାଏ । ତେଣୁ ପ୍ରତ୍ୟେକ ଗାଈର ଦୁଗ୍ଧକୁ ଅଲଗା ଅଲଗା ପାତ୍ରରେ ଦୁଗ୍ଧ କାରଖାନାକୁ ପଠାଯାଇ ପାରିବ କିମ୍ବା ସବୁ ଦୁଗ୍ଧକୁ ଏକାଠି କରି ଗୋଟିଏ ପାତ୍ରରେ ପଠାଯାଇପାରିବ ।

**ଛାଣିବା** - ଦୁଗ୍ଧ ଦୁହିଁଗଲା ପରେ ଓ ଦୁଗ୍ଧକୁ ସଂଗ୍ରହ ଗୃହକୁ ନିଆଗଲା ପରେ ତାହାକୁ ସଙ୍ଗେ ସଙ୍ଗେ ଛାଣି ଥଣ୍ଡା କରିବା ଦରକାର । ଦୁଇଟି ବିଶୋଧିତ କନା ମଧ୍ୟରେ

ବିଶୋଧିତ ହୋଇଥିବା ତୂଳା ରଖି ସେଥିମଧ୍ୟରେ ଦୁଗ୍‌ଧ ଢାଳି ଛଣା ଯାଇପାରେ କିମ୍ବା ଏଥିପାଇଁ ସ୍ୱତନ୍ତ୍ର ଭାବରେ ତିଆରି ଛଣାକନା (ମସ୍‌ଲିନ୍ କନା)ରେ ମଧ୍ୟ ଛଣା ଯାଇପାରେ । ଏହାକୁ ଗୋଟିଏ ଥର ବ୍ୟବହାର କରନ୍ତୁ ଓ ପୁଣି ବିଶୋଧନ କରି ବ୍ୟବହାର କରନ୍ତୁ । ଛାଣିବା ଦ୍ୱାରା ଦୁଗ୍‌ଧରେ ଥିବା ଅଳିଆ ପ୍ରଭୃତି ଅଲଗା କରାଯାଇଥାଏ ଓ ଦୁଗ୍‌ଧର ରଙ୍ଗ ସଫା ଦେଖାଯାଏ । ମାତ୍ର ଏହାଦ୍ୱାରା ଜୀବାଣୁ ବାହାର କରାଯାଇ ନ ପାରେ ।

**ଥଣ୍ଡା କରିବା** - ଖାଉଟିମାନଙ୍କ ପର୍ଯ୍ୟନ୍ତ ପହଞ୍ଚିବାବେଳକୁ ଦୁଗ୍‌ଧରେ ବହୁତ ଜୀବାଣୁ ହୋଇଯାଇଥାନ୍ତି । ଏହାର କାରଣ ହେଲା ଯେ ଦୁଗ୍‌ଧକୁ ଭଲ ଭାବରେ ଥଣ୍ଡା କରାଯାଇ ନ ଥାଏ ଓ ଭଲ ଭାବରେ ସଂରକ୍ଷଣ ମଧ୍ୟ କରାଯାଇ ନ ଥାଏ । ଦୁଗ୍‌ଧକୁ ଦୁହିଁବା ପରେ ପରେ ୫୦ ଡିଗ୍ରୀ ଫାରେନ୍‌ହିଟ୍ ପର୍ଯ୍ୟନ୍ତ (୧୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍) ଗରମ କଲେ ସେଥିରେ ଜୀବାଣୁଙ୍କର ଶୀଘ୍ର ବୃଦ୍ଧି ଘଟେ ନାହିଁ । ଯଦି ଦୁହିଁବା ଓ ପରିବହନ ମଧ୍ୟରେ ଅଳ୍ପ ସମୟର ବ୍ୟବଧାନ ଥାଏ, ତେବେ "ଉପରିଭାଗ ଥଣ୍ଡା କରିବା ଯନ୍ତ୍ର" (Surface Cooler) ବ୍ୟବହାର କରିବାକୁ ପଡିଥାଏ । ଏହି ଯନ୍ତ୍ର ବିଭିନ୍ନ ନାମରେ ବଜାରରେ କିଣିବାକୁ ମିଳୁଛି । ଦୁଗ୍‌ଧ ପାତ୍ରକୁ ଗୋଟିଏ ବରଫ ପରି ଥଣ୍ଡା ପାଣି ପାତ୍ରରେ ରଖି ମଧ୍ୟ ଥଣ୍ଡା କରାଯାଇ ପାରିବ । (୪୦ ଡିଗ୍ରୀ ଫାରେନ୍‌ହିଟ୍ କିମ୍ବା କମ୍) ଏହି ପ୍ରଣାଳୀରେ ଦୁଗ୍‌ଧକୁ ଘଣ୍ଟାଏ ମଧ୍ୟରେ ୫୦ ଡିଗ୍ରୀ ଫାରେନ୍‌ହିଟ୍‌କୁ ଥଣ୍ଡା କରିବା ମଧ୍ୟ କଷ୍ଟସାଧ ନୁହେଁ । ଯଦି ଉଲ୍ଲିଖିତ ଉପାୟଗୁଡିକ ସହଜରେ କରାଯାଇ ନ ପାରେ, ତେବେ ଖଣ୍ଡେ ଓଦାକନା ଦୁଗ୍‌ଧ ପାତ୍ରର ବାହାରପଟେ ବାନ୍ଧି ଦେବା ଦରକାର । କନାଟି ଓଦା ରହିଲେ ଓ ପାତ୍ରଟିକୁ ପବନ ବୋହୁଥିବା ଜାଗାରେ ରଖିଲେ, ବାୟୁ ମଣ୍ଡଳର ଥଣ୍ଡା ଯୋଗୁଁ ଦୁଗ୍‌ଧର ଉତ୍ତାପ ୨ ରୁ ୩ ଡିଗ୍ରୀ କମିଯିବ । ତେଣୁ ଦୁଗ୍‌ଧକୁ ନଷ୍ଟ ହେବାରୁ ରକ୍ଷା କରାଯାଇ ପାରିବ ।

କୌଣସି ଅବସ୍ଥାରେ ଦୁଗ୍‌ଧ କିମ୍ବା ଦୁଗ୍‌ଧ ପାତ୍ରକୁ ସିଧାସଳଖ ସୂର୍ଯ୍ୟକିରଣରେ ରଖିବା ଅନୁଚିତ୍ ।

# ଗୁହାଳ ଓ ସ୍ୱାସ୍ଥ୍ୟରକ୍ଷା

ଗୋରୁମାନଙ୍କର ଉପଯୁକ୍ତ ଯତ୍ନ ନେବାକୁ ହେଲେ ଭଲ ଗୁହାଳଟିଏ ନିହାତି ଆବଶ୍ୟକ । ଏହା ସେମାନଙ୍କୁ ବନ୍ୟ ଜୀବଜନ୍ତୁଙ୍କ ଆକ୍ରମଣରୁ, ଚୋର ଭୟରୁ, ଖରାପ ପାଗରୁ ଓ ବିଭିନ୍ନ ରୋଗ କବଳରୁ ରକ୍ଷା କରିଥାଏ । ଖୋଲା, ପବନ ଯାତାୟାତ କରୁଥିବା, ସଫାସୁତୁରା ଓ ଶୋଇବାକୁ ଏବଂ ଛିଡାହେବାକୁ ଅଧିକ ଜାଗା ଥିବା ଗୁହାଳରେ ଗୋରୁ ରହିଲେ ସେମାନେ ଆନନ୍ଦରେ ଓ ସ୍ୱାସ୍ଥ୍ୟକର ଭାବରେ ରହିପାରନ୍ତି ।

## ଗୁହାଳ

(କ) ପ୍ରତ୍ୟେକ ଗୋରୁ ଶୋଇବା ଓ ଛିଡାହେବା ପାଇଁ ଯଥେଷ୍ଟ ସ୍ଥାନ ଥିବା ଦରକାର । ଗୋଟିଏ ବଡ ଗାଈ ପାଇଁ ୪୦ ବର୍ଗଫୁଟ (୩.୫ ବର୍ଗମିଟର), ବାଛୁରୀ ପାଇଁ ୧୨

ବର୍ଗଫୁଟ (୧ ବର୍ଗମିଟର) ଏବଂ ଗୋଟିଏ ଛଡା ପାଇଁ ୨୪ ବର୍ଗଫୁଟ (୨ ବର୍ଗମିଟର) ସ୍ଥାନ ଦରକାର ।

(ଖ) ଘରର କାନ୍ଥର ଉଚ୍ଚତା ୩.୨୫ ମିଟର ହେବା ଦରକାର । ଅଧିକ ବର୍ଷା ହେଉଥିବା ଅଞ୍ଚଳମାନଙ୍କରେ ଘରର କାନ୍ଥର ଉଚ୍ଚତା ୨.୭୫ ମିଟର ଓ କାନ୍ଥଠାରୁ ବାରଣ୍ଡାର ଦୈର୍ଘ୍ୟ ୦.୭୫ ମିଟର ହେବା ଦରକାର । ଘରର ଛାତ ଏଜବେଷ୍ଟସ୍ କିମ୍ବା ନଡାରେ କରାଯାଇପାରେ ।

(ଗ) ଘରର ଚଟାଣ ଆବଡାଖାବଡା ହେବା ଅନୁଚିତ୍ । ତଳ ପକ୍କା ହେଲେ ଭଲ । ଘର ନଳା ଆଡକୁ ସାମାନ୍ୟ ଢାଲୁ (୧.୪୦) ହେବା ଦରକାର । ଏହା କରିବା ଦ୍ୱାରା ଘରର ଚଟାଣକୁ ସବୁବେଳେ ସଫାସୁତୁରା ରଖିବାକୁ ସୁବିଧା ହୁଏ ।

(ଘ) ଘରର କାନ୍ଥ ଚାଳ ପର୍ଯ୍ୟନ୍ତ ହେବା ଅନୁଚିତ୍ । ଫାଙ୍କା ରହିଲେ ବାୟୁ ଓ ଆଲୋକ ଭଲ ଭାବରେ ଗୁହାଳରେ ପ୍ରବେଶ କରିଥାଏ ।

(ଙ) ଗୋରୁର ମୁଣ୍ଡ ଆଡକୁ ଗୋଟିଏ ଖାଇବା କୁଣ୍ଡ ରହିବା ଦରକାର । ଏହି କୁଣ୍ଡର ଓସାର ୬୫ ସେ.ମି. ଓ ଗଭୀରତା ୨୦ ସେ.ମି. ଓ ବାଛୁରୀଙ୍କ ପାଇଁ ୩୦ ସେ.ମି. ରୁ ଅଧିକ ହେବା ଉଚିତ ନୁହେଁ । ଏପରି କୁଣ୍ଡ ହେଲେ ଗୋରୁମାନଙ୍କୁ ଖାଇବାକୁ ସୁବିଧା ହୁଏ ଓ ଅଳ୍ପ ନଷ୍ଟ ହୁଏ ।

(ଚ) ଅନ୍ତତଃ ୪ ବାଲଟି ପାଣି ଧରିବା ଭଳି ଏକ ପାଣିକୁଣ୍ଡ ମଧ୍ୟ ରହିବା ଦରକାର । ଯଦି ଏପରି କୁଣ୍ଡ କରିବା ସମ୍ଭବ ନୁହେଁ, ତେବେ ଖରାଦିନେ ୪ ଥର ଓ ଶୀତଦିନେ ଦୁଇଥର ଗୋରୁମାନଙ୍କୁ ପାଣି ପିଇବାକୁ ଦେବା ଦରକାର ।

(ଛ) ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଉପକରଣରେ ଗୁହାଳ କଲେ ଅଳ୍ପ ଖର୍ଚ୍ଚରେ ହୋଇପାରିବ ।

## ନୂଆ ଗୁହାଳ ଘର ତିଆରି

୧. ଯଦି ଚାଷୀ ଗୋଟିଏ ନୂଆ ଗୁହାଳ ଘର ତିଆରି କରୁଥାଏ, ତେବେ ଗାଈଙ୍କ ସଂଖ୍ୟା ଅନୁପାତରେ ତିଆରି କରିବା ଦରକାର ।

୨. ଗୁହାଳଟି ଉଚ୍ଚ, ନିଗିଡା ଓ ଶୁଷ୍କ ସ୍ଥାନରେ କରାଯିବା ଉଚିତ ।

୩. ଗୁହାଳ ଚାରିପାଖରେ ଗଛ ଥିବା ଦରକାର । ଗଛ ନ ଥିଲେ ଗଛ ଲଗାଇବା ଉଚିତ, ଯେପରି ଗୁହାଳ ତିଆରି ସରିବାବେଳକୁ ଗଛଗୁଡିକ ବଢିଯାଇଥିବ । ଏହାଦ୍ୱାରା ଗୁହାଳଟିରେ ଛାଇ ହୁଏ ଓ ଗୋରୁମାନେ ସୁବିଧାରେ ରହିପାରନ୍ତି ଓ ଖରାଦିନେ ଥଣ୍ଡା ରହେ ।

୪. ଚାଷୀ, ଘରର ଗୋଟିଏ କଡରେ ଚାଳ ବାହାର କରି ଗୁହାଳ କରିପାରିବେ ।

୫. ପାଖ କାନ୍ଥ ୧.୫ ମିଟର ଓ ବଡ କାନ୍ଥଟି ୨.୫ ମିଟର ଉଚ୍ଚ ହେବା ଉଚିତ । ଗୁହାଳର

ଓସାର ୩ ମିଟରରୁ କମ୍ ହେବା ଉଚିତ୍ ନୁହେଁ । ଏଥିରୁ ୦.୭୫ ମିଟରରେ ଖାଦ୍ୟକୁଣ୍ଡ କରାଯିବା ଦରକାର । ଗୋଟିଏ ଗୋରୁ ପାଇଁ ଗୁହାଳର ଲମ୍ବ ୨.୫ ମିଟର ଓ ପ୍ରତି ଅଧିକ ଗୋଟିଏ ଗୋରୁପାଇଁ ଏହାର ଲମ୍ବ ଆହୁରି ଅଧିକ ୧.୫ ମିଟର ହେବା ଉଚିତ (ଉଦାହରଣ ସ୍ୱରୂପ ୩ ଗୋଟି ଗାଈ ପାଇଁ ଗୁହାଳର ଲମ୍ବ ୫.୫ ମିଟର ହେବା ଉଚିତ) ।

## ଗୁହାଳକୁ ସ୍ୱାସ୍ଥ୍ୟକର ରଖିବା ପ୍ରଣାଳୀ

୧. ମୂତ୍ର ଓ ଗୁହାଳ ଧୂଆ ପାଣି, ଗୁହାଳ ବାହାରେ ଥିବା ଖାଲରେ ସଂଗୃହୀତ ହେବା ଉଚିତ ।

୨. ଗୋବର ଓ ଅନ୍ୟାନ୍ୟ ଅଳିଆ, ଦିନରେ ଅନ୍ତତଃ ଦୁଇଥର ପୋଛି ପରିଷ୍କାର କରିଦେବା ଦରକାର ।

୩. ସପ୍ତାହରେ ଅନ୍ତତଃ ଥରେ ଫିନାଇଲ୍ ପାଣିରେ (୨ କପ୍ ଫିନାଇଲ୍‌କୁ ୧ ଲିଟର ପାଣିରେ ମିଶାଇ) ଗୁହାଳକୁ ଧୋଇଦେବା ଦରକାର ।

୪. ମାସରେ ଅନ୍ତତଃ ଥରେ କୀଟନାଶକ ଔଷଧ (ଯଦି ଗୋରୁଙ୍କ ଦେହରେ ଟିଙ୍କ ବା ଉକୁଣୀ ଥାଆନ୍ତି, ତେବେ ୧ ଭାଗରେ ୫୦୦ ଭାଗ ପାଣି ମିଶାଇ) ଲଗାଇବାର ୧ ଘଣ୍ଟା ପରେ ଗୋରୁଙ୍କୁ ଭଲ ଭାବରେ ଗାଧୋଇଦେବା ଦରକାର ।

୫. ଯଦି ଗୋରୁମାନେ ବାହାରକୁ ଛଡା ନ ଯାଇ ଗୁହାଳରେ ସବୁବେଳେ ବନ୍ଧା ହେଉଥିବେ, ତେବେ ସେମାନଙ୍କୁ ଦିନରେ ଅନ୍ତତଃ ୨/୩ ଘଣ୍ଟା ପାଇଁ ବାହାରକୁ ଛାଡିବା ଦରକାର । ତାହେଲେ ଗୁହାଳକୁ ଭଲଭାବରେ ପରିଷ୍କାର କରାଯାଇ ପାରିବ ।

ଗାଈମାନେ ଅଧିକାଂଶ ସମୟ ଗୁହାଳରେ କଟାଇଥାନ୍ତି ଏବଂ ସେହି ଗୁହାଳରେ ହିଁ ଖାଇବାକୁ, ପାଣି ପିଇବାକୁ ଦିଆଯିବା ସଙ୍ଗେ ସଙ୍ଗେ ଦୁଗ୍ଧ ଦୁହାଁ ଯାଇଥାଏ । ତେଣୁ ଗୁହାଳଟି ଯେତେ ପରିଷ୍କାର ପରିଚ୍ଛନ୍ନ ରହିବ, ଏମାନଙ୍କଠାରୁ ସେତିକି ଅଧିକ ଉତ୍ପାଦନ ମିଳିବ ଓ ପରିଷ୍କାର ଦୁଗ୍ଧ ଉତ୍ପାଦିତ ହୋଇପାରିବ । ତେଣୁ ଗୁହାଳକୁ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖିବା ବିଧେୟ ।

## ପଶୁମାନଙ୍କର କେତୋଟି ସାଧାରଣ ସଂକ୍ରାମକ ରୋଗ

ଯେଉଁ ସଂକ୍ରାମକ ରୋଗଗୁଡିକ ଭୂତାଣୁ ଓ ଜୀବାଣୁମାନଙ୍କ ଦ୍ୱାରା ଗୋଟିଏ ପଶୁଠାରୁ ଅନ୍ୟ ପଶୁକୁ ସଂକ୍ରମିତ ହୁଏ, ସେହି ରୋଗଗୁଡିକ ହେଲା : ତଣ୍ଟିଫୁଲା ବା ସାହାଣା, ବଜବଜିଆ ବା ଚଟୁଆଫୁଲା, ଏନ୍ଥ୍ରାସିସ୍ ବା ସ୍ଫୋଟକ, ଫାଟୁଆ, ବ୍ରୁସେଲା, ଯକ୍ଷ୍ମା ଏବଂ ଜୋନସ୍ ରୋଗ ।

## ଏନ୍ଥ୍ରାସିସ୍ ବା ସ୍ଫୋଟକ

ଏହି ରୋଗ ପ୍ରଧାନତଃ ଗୋରୁ, ମଇଁଷି, ଘୋଡା, ଘୁଷୁରି ଓ ମେଣ୍ଢାଙ୍କୁ ଆକ୍ରମଣ କରିଥାଏ । ଏହି ରୋଗ ବ୍ୟାସିଲସ୍ ଆନ୍ଥ୍ରାସିସ୍ (Bacillus Anthrusis) ନାମକ

ଏକପ୍ରକାର ଜୀବାଣୁ ଦ୍ୱାରା ହୋଇଥାଏ । ଏହି ରୋଗ ହେଲେ ଯେଉଁ ଲକ୍ଷଣଗୁଡିକ ଦେଖାଯାଏ, ସେଗୁଡିକ ହେଲା; ପ୍ରବଳ ଜ୍ୱର ହୁଏ, ରକ୍ତ ଦୂଷିତ ହୁଏ ଏବଂ ସଙ୍ଗେ ସଙ୍ଗେ ମୃତ୍ୟୁ ଘଟେ । ଏହି ରୋଗ ମନୁଷ୍ୟକୁ ସଂକ୍ରମିତ ହୋଇଥାଏ । ଶବର ଅବୟାଦିରେ କାଠିନ୍ୟତା ଆସେନାହିଁ ଓ ଶରୀରର ପ୍ରାକୃତିକ ଗହ୍ୱର ଯଥା : ନାକ, କାନ, ମୁହଁ ଓ ଗୁହ୍ୟ ଦ୍ୱାରରୁ କଳା ରଙ୍ଗର ରକ୍ତ ବାହାରିବାର ଦେଖାଯାଏ ।

ଏହି ରକ୍ତ ଜମାଟ ବାନ୍ଧେ ନାହିଁ । ଏହି ଜୀବାଣୁ ଶରୀର ବାହାରେ (Spore) ରେଣୁ ସୃଷ୍ଟି କରେ । ତେଣୁ ଏନ୍ଥ୍ରାସିସ୍ ବା ଷ୍ଟୋକେ ବୋଲି ସନ୍ଦେହ କରାଯାଉଥିବା ଶବକୁ ବ୍ୟବଚ୍ଛେଦ କରିବା ଉଚିତ୍ ନୁହେଁ । ଏହାର ରେଣୁ ଗୁଡିକ ବର୍ଷ ବର୍ଷ ଧରି ମାଟିରେ ରହିଥାନ୍ତି ଓ ସେହି ଅଞ୍ଚଳରେ ସଂକ୍ରାମକ ରୋଗ ସୃଷ୍ଟି କରିଥାନ୍ତି ।

ତେଣୁ ପରିସରକୁ ପୃଥକୀକରଣ ଦ୍ୱାରା ଏବଂ ଶବକୁ ଗଭୀର ଗାତ ଖୋଳି ସେଥିରେ ଚୂନ ଦେଇ ପୋତି ଦେବା ଦ୍ୱାରା ରୋଗ ବ୍ୟାପିବାକୁ ଅନେକାଂଶରେ ନିୟନ୍ତ୍ରିତ କରାଯାଇ ପାରିବ । ବର୍ଷା ଋତୁ ଆରମ୍ଭର ଏକମାସ ପୂର୍ବରୁ ପଶୁମାନଙ୍କୁ ପ୍ରତିବର୍ଷ ପ୍ରତିଷେଧକ ଟିକା ଦେବା ଉଚିତ୍ ।

## ସାହାଣା ବା ଗଳାଫୁଲା (H.S.)

ଏହା ଗୋରୁ, ମଇଁଷି, ମେଣ୍ଢା ଓ ଛେଳିଙ୍କର ଏକ ସଂକ୍ରାମକ ରୋଗ । ବର୍ଷାଋତୁର ପ୍ରଥମ ଅସରା ବର୍ଷା ପରେ ପରେ ଏହି ରୋଗର ପ୍ରାଦୁର୍ଭାବ ସାଧାରଣତଃ ଦେଖାଯାଏ । ଏହି ରୋଗ ପାଶ୍ଚୁରେଲା (Pasturella) ନାମକ ଜୀବାଣୁ ଦ୍ୱାରା ହୋଇଥାଏ । ସାହାଣା ବା ଗଳାଫୁଲାର ଲକ୍ଷଣ ଗୁଡିକ ହେଲା ଯେ ଦେହରେ ଅତ୍ୟଧିକ ତାତି ରହିବ, ଗଳା, ଛାତି ଓ ଓଳମରେ ଗରମ ଓ କଷ୍ଟଦାୟକ ଫୁଲା ଦେଖାଯିବ, ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ହେବ, ପାଟିରୁ ଲାଳ ବୋହିବ, ଜିଭ ବାହାରକୁ ବାହାରି ଆସିବ ଏବଂ ଝାଡା ହେବ । ନିଃଶ୍ୱାସ ବନ୍ଦ ହୋଇ ମୃତ୍ୟୁ ଘଟିବ । ପ୍ରତିବର୍ଷ ବର୍ଷାଋତୁ ପୂର୍ବରୁ ପ୍ରତିଷେଧକ ଟିକା ଦେବା ଦରକାର ।

## ଚଟୁଆ ଫୁଲା ବା ବଜବଜିଆ (B.Q.)

ସାଧାରଣତଃ ଦୁଇ ବର୍ଷରୁ କମ୍ ବୟସର ବାଛୁରୀମାନଙ୍କୁ ଏହି ରୋଗ ହୁଏ । ଏହି ରୋଗ ହେଲେ ଦେହରେ ତାତି ରହେ ଓ ଚଟୁଆ ଫୁଲିଯାଏ । ଏହାକୁ ହାତରେ ଚିପିଲେ କଡମଡ ଶବ୍ଦ ହୁଏ, ଗୋଡକୁ ଟେକିରଖେ, ପ୍ରଥମାବସ୍ଥାରେ ଫୁଲା ଜାଗା ଗରମ ଲାଗେ ଓ କଷ୍ଟପ୍ରଦ ହୋଇଥାଏ । ଚର୍ମର ରଙ୍ଗ ମଳିନ ପଡିଯାଏ, ଶୁଖିଯାଏ ଓ ଫାଟିଯାଏ । ଏହା ଏକପ୍ରକାର ଜୀବାଣୁ ରୋଗ (କ୍ଲସ୍ଟ୍ରିଡିୟମ୍ ଚୋଭଭି) ।

## ବ୍ରୁସେଲୋସିସ୍

ଏହା ଏକ ସଂକ୍ରାମକ ରୋଗ । ଏହି ରୋଗର ଜୀବାଣୁ ଆକ୍ରମଣ କଲେ ଗାଈ, ମଇଁଷି, ଛେଳି, ମେଣ୍ଢା ଓ ଘୁଷୁରିଙ୍କ ଗର୍ଭପାତ ହୋଇଥାଏ । ନିରୁତା କ୍ଷୀର ପିଇଲେ (ଗରମ ନ କରି) କିମ୍ବା ରୋଗାକ୍ରାନ୍ତ ପଶୁଙ୍କ ସିଧାସଳଖ ସଂସ୍ପର୍ଶରେ ଆସିଲେ, ମନୁଷ୍ୟକୁ ଏହି ରୋଗ ହେବାର

ସମ୍ଭାବନା ଥାଏ । ଆକ୍ରାନ୍ତ ପଶୁଟି ଗର୍ଭାବସ୍ଥାର ଶେଷ ଚତୁର୍ଥାଂଶ ବେଳକୁ ଗର୍ଭପାତ କରିଥାଏ । ଗୋଠର ଇତିହାସ ଓ ପ୍ରଜନନ ସମସ୍ୟା ବିଷୟରେ ଅବଗତ ଥିଲେ, ଏହି ରୋଗ ବିଷୟରେ ସଚେତନ ହୋଇ ହେବ । ସନ୍ଦେହ ହେଉଥିବା ପଶୁଟିର ରକ୍ତ କିମ୍ବା କ୍ଷୀର ପରୀକ୍ଷା କଲେ ଗର୍ଭପାତ ରୋଗର ଜୀବାଣୁ ଚିହ୍ନଟ କରିହେବ । ପ୍ରତିଷେଧକ ବ୍ୟବସ୍ଥା ପାଇଁ ଗାଈ ବାଛୁରୀମାନଙ୍କୁ ଟିକା ଦେଇଦେବା ଦରକାର ।

## ଫାଟୁଆ

ଏହି ରୋଗ ଏକ ଅତୀବ ସଂକ୍ରାମକ ଭୂତାଣୁ ଜନିତ ରୋଗ ଓ ଦ୍ୱିଖୁରା ବିଶିଷ୍ଟ ପ୍ରାଣୀ ଯଥା : ଗୋରୁ, ମଇଁଷି, ଛେଳି, ମେଣ୍ଢା ଓ ଘୁଷୁରିଙ୍କ ଠାରେ ଦେଖାଯାଏ । ସଂକ୍ରମିତ ପଶୁର ପ୍ରଧାନ ଲକ୍ଷଣଗୁଡିକ ହେଲା ଯେ, ଦାନ୍ତ କଡମଡ କରିବା, ପାଟିରୁ ଫେଣ ବାହାରିବା, ଗୋଡ କଚାଡିବା, ଗୋଡର ଖୁରା ସନ୍ଧି ଓ ପାଟି ଭିତରେ ଘା' ହେବା ଓ ରୋଗର ଅନ୍ୟାନ୍ୟ ଉପସର୍ଗମାନ ମଧ୍ୟ ଦେଖାଯାଏ । ଏହି ରୋଗ ହେଲେ କ୍ଷୀର ଉତ୍ପାଦନ କମିଯାଏ । ସଙ୍କର ଗାଈ ଓ ସଙ୍କର ବାଛୁରୀମାନଙ୍କୁ ଏହି ରୋଗ ଆକ୍ରମଣ କଲେ ସେମାନେ ଅଧିକ ସଂଖ୍ୟାରେ ମୃତ୍ୟୁମୁଖରେ ପଡନ୍ତି । ରୋଗ ଭଲ ହେବା ପରେ ମଧ୍ୟ ଚିରଦିନ ପାଇଁ ଉତ୍ପାଦିକା ଶକ୍ତି ହ୍ରାସ ପାଇଥାଏ । ପଶୁମାନଙ୍କୁ ୫ ରୁ ୬ ମାସ ଅନ୍ତରରେ ଥରେ ଲେଖାଏଁ ପ୍ରତିଷେଧକ ଟିକା ଦେବା ଦରକାର ।

## ଗୋମଡକ (Rinder Pest)

ଏହା ରୋମନ୍ଥନକାରୀ ପ୍ରାଣୀମାନଙ୍କର ଏକ ଅତୀବ ସଂକ୍ରାମକ ଭୂତାଣୁ ଜନିତ ରୋଗ । ଏହି ରୋଗ ଆରମ୍ଭ ହେଲେ ଶରୀରରେ ପ୍ରବଳ ଉତ୍ତାପ ଲାଗିରହେ (୪୦ ରୁ ୪୧° ସେଣ୍ଟିଗ୍ରେଡ୍), ଛୋଟ ଛୋଟ ଫୋଟକା ପାଟି ଭିତରେ ଦେଖାଯାଏ । ଚମଡାରେ ମଧ୍ୟ ଛୋଟ ଛୋଟ ଫୋଟକା ପରି ଦେଖାଯାଏ । ପିଚକାରୀ ମାରିବା ପରି ଝାଡା ହୁଏ । ଏଥିରେ ରକ୍ତଛିଟା ଦେଖାଯାଏ । ଏହି ଝାଡା ଦୁର୍ଗନ୍ଧପୂର୍ଣ୍ଣ ହୋଇଥାଏ । ଏହି ରୋଗ ନହେବା ପାଇଁ ପ୍ରତିଷେଧକ ଟିକା ଦେବା ଦରକାର ।

## ଆନାପ୍ଲାଜ୍ମୋସିସ୍

ଗୋରୁ, ମେଣ୍ଢା ଓ ଛେଳିଙ୍କୁ ଆକ୍ରମଣ କରେ ଏବଂ ଆନାପ୍ଲାଜ୍ମା ମାରଜିନାଲେ (Anaplasma Marginalae) ଦ୍ୱାରା ହୋଇଥାଏ । ଏହି ରୋଗ ଟିକ୍ସ ଏବଂ ମଶା, ମାଛିଙ୍କ ଦ୍ୱାରା ଗୋଟିଏ ପଶୁଠାରୁ ଅନ୍ୟ ପଶୁଠାକୁ ଯାଇଥାଏ । ଏହି ରୋଗ ହେଲେ ଭୀଷଣ ଜ୍ୱର ହୁଏ । ରକ୍ତହୀନତା ଦେଖାଯାଏ ଏବଂ ଜଣ୍ଡିସ୍ ରୋଗ ମଧ୍ୟ ହୁଏ । ମଶା, ମାଛି ଓ ଟିକ୍ସମାନଙ୍କୁ ନିୟନ୍ତ୍ରଣ କଲେ ଏହି ରୋଗ ହେବାର ସମ୍ଭାବନା କମିଯାଏ ।

## ବାବେସିଓସିସ୍

ଏହାକୁ ସାଧାରଣତଃ "ରକ୍ତ ପରିସ୍ରା" ରୋଗ ବୋଲି କୁହନ୍ତି । ଏହା ଟିକ୍ସ ଦ୍ୱାରା ପରିବହନ ହେଉଥିବା ରକ୍ତରେ ଦେଖାଯାଉଥିବା ରୋଗ । ଏହି ରୋଗର ଲକ୍ଷଣ ହେଲା ଯେ

ଦେହରେ ଅତ୍ୟଧିକ ଉତ୍ତାପ, ରକ୍ତହୀନତା ଓ କଫି ରଙ୍ଗର ପରିସ୍ରା । ଟିକମାନଙ୍କ ନିୟନ୍ତ୍ରଣ ଦ୍ୱାରା ଏହି ରୋଗକୁ ପ୍ରତିରୋଧ କରାଯାଇପାରିବ ।

### ଥେଲେରିଆସିସ୍

ଏହା ସଙ୍କର ଗୋରୁମାନଙ୍କର ଏକ ପ୍ରଧାନ ରୋଗ । ରକ୍ତରେ ଦେଖାଯାଉଥିବା ଏହି ରୋଗ ଟିକମାନଙ୍କ ଦ୍ୱାରା ହୋଇଥାଏ । ଆକ୍ରାନ୍ତ ପଶୁଟିର ଦେହରେ ଅତ୍ୟଧିକ ଉତ୍ତାପ ଲାଗିରହେ ଏବଂ ଚର୍ମତଳେ ଥିବା ଲସୀକା ଗ୍ରନ୍ଥୀ (Lymphgland) ଗୁଡ଼ିକର ବୃଦ୍ଧି ଘଟେ । ଟିକଙ୍କ ନିୟନ୍ତ୍ରଣ ଦ୍ୱାରା ଏହି ରୋଗକୁ ପ୍ରତିରୋଧ କରାଯାଇପାରିବ ।

### ଟ୍ରିପାନୋସୋମିଆସିସ୍

ଏହା ମଧ୍ୟ ରକ୍ତ ପରାଙ୍ଗଜୀବୀ ରୋଗ ଏବଂ ଟି. ଇଭାନ୍‌ସାଇ ନାମକ ପରାଙ୍ଗଜୀବୀଙ୍କ ଦ୍ୱାରା ହୁଏ । ମଶା ଓ ମାଛି କାମୁଡ଼ିବା ଦ୍ୱାରା ଏହି ରୋଗ ଗୋଟିଏ ପଶୁଠାରୁ ଅନ୍ୟ ପଶୁକୁ ପରିବହନ ହୁଏ । ଏହାକୁ ସାଧାରଣତଃ ସରା (Surra) ରୋଗ ବୋଲି କୁହନ୍ତି । ଏହି ରୋଗ ହେଲେ ଶରୀରରେ ଅଧିକ ତାତି ରହେ, ପଶୁଟି ଚକପରି ଘୂରିବୁଲେ । ମୁଣ୍ଡ ବୁଲାଏ ଏବଂ ଚମଡ଼ା କୁଣ୍ଡାଇ ହୁଏ । ଏଭଳି ରୋଗର ଚିକିତ୍ସା ପାଇଁ ଏଣ୍ଟ୍ରିସାଇଡ୍ ପ୍ରୋସଲ୍‌ଟ ଔଷଧ (A. Prosalt) ବ୍ୟବହାର କରାଯାଏ । ମଶା ଓ ମାଛିଙ୍କ ବିନାଶ ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରିହୁଏ ।

### କକ୍‌ସିଡିଓସିସ୍

ଏହା ଏକ ସଂକ୍ରାମକ ପାକସ୍ଥଳୀ ରୋଗ ଓ ୬ ମାସ ବୟସରୁ କମ୍ ବୟସର ପଶୁମାନଙ୍କଠାରେ ଦେଖାଯାଏ । ଏହାର ପ୍ରଧାନ ଲକ୍ଷଣ ହେଲା ଯେ, ଲାଳ ଓ ରକ୍ତମିଶ୍ରା ଝାଡ଼ା । ଆକ୍ରାନ୍ତ ପ୍ରାଣୀମାନଙ୍କୁ ଆମ୍ପ୍ରୋଲିୟମ୍ ଏଚ.ସି.ଏଲ. (Amprolium HCL) କଡରିନାଲ (Codrinal) ସଲମିଟ୍ (Sulmet) କିମ୍ବା (Sulpha quimoxaline sodium) ପ୍ରଭୃତି ଔଷଧ ଦ୍ୱାରା ଚିକିତ୍ସା କରିବା ଉଚିତ । ଉତ୍ତମ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ଦ୍ୱାରା ରୋଗକୁ ଦୂର କରାଯାଇପାରିବ । ଉଲ୍ଲିଖିତ ଔଷଧଗୁଡ଼ିକ ପ୍ରତିଷେଧକ ବ୍ୟବସ୍ଥା ହିସାବରେ ଦିଆଯାଇପାରେ ।

### ପତ୍ରକୃମି ରୋଗ (Fascioliasis & Amphistomiasis)

ଏହି ରୋଗର କୃମି ସାଧାରଣତଃ ପୋଖରୀ, ଗାଡ଼ିଆ, ନଈନାଳ ଥିବା ଅଞ୍ଚଳମାନଙ୍କରେ ଦେଖାଯାଆନ୍ତି । କାରଣ ଗେଣ୍ଡାମାନଙ୍କ ଦ୍ୱାରା ସାଧାରଣତଃ ଏହି ରୋଗ ଗୋଟିଏ ଆକ୍ରାନ୍ତ ପଶୁଠାରୁ ଗୋଟିଏ ସୁସ୍ଥ ପଶୁକୁ ସଂକ୍ରମିତ ହୋଇଥାଏ । ଏହାର ପ୍ରଧାନ ଲକ୍ଷଣ ହେଲା ଯେ ତରଳ ଝାଡ଼ା ଏବଂ ବେକତଳ ଫୁଲିବା । ଝାଡ଼ା ପରୀକ୍ଷା ଦ୍ୱାରା ଏହି ରୋଗକୁ ଚିହ୍ନଟ କରାଯାଇଥାଏ । ଔଷଧ ଦେଲେ ରୋଗ ଭଲ ହୁଏ । ମାତ୍ର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଗେଣ୍ଡା ବଂଶ ନଷ୍ଟ କରିବା ଓ ପଶୁମାନଙ୍କୁ ନଈକୂଳ, ଗାଡ଼ିଆ ବା ପୋଖରୀ କୂଳକୁ ଚରିବାକୁ ନ ଛାଡ଼ିବା ।

## ସଁସରା (Nasal Schistosomiasis)

ସାଧାରଣତଃ ଏହାକୁ ସଁସରା ରୋଗ ବୋଲି କୁହାଯାଏ ଏବଂ ଏହା ସିଷ୍ଟୋସୋମା ନାଜେଲ୍ (Schistosoma Nasale) ନାମକ ଏକପ୍ରକାର କୀଟାଣୁ ଯୋଗୁଁ ହୁଏ । ଗେଣ୍ଡାମାନେ ମଧ୍ୟ ଏହି ରୋଗର ବାହକ । ଏହି ରୋଗର ଲକ୍ଷଣ ହେଲା ଯେ ନାକପୁଡାରେ ଫୁଲକୋବି ପରି ଘା' ଦେଖାଯାଏ । ନିଃଶ୍ୱାସ ପ୍ରଶ୍ୱାସରେ ଅସୁବିଧା ହୁଏ ଏବଂ ସଁ ସଁ ଶବ୍ଦ ହୁଏ । ଶିଂଘାଣି ପରୀକ୍ଷା ଦ୍ୱାରା ଏହି ରୋଗକୁ ଚିହ୍ନଟ କରାଯାଇ ପାରିବ । ଗେଣ୍ଡାଙ୍କୁ ନିୟନ୍ତ୍ରଣ କଲେ ଏହି ରୋଗର ନିରାକରଣ ହୋଇପାରିବ ।

## କୃମି (Worms)

ବାଛୁରୀମାନଙ୍କର ଗୋଲ କୃମିଗୁଡିକ ହେଲା ଆସ୍‌କାରିସ୍ (Ascarisvitullorum) ଏବଂ ହିମୋନ୍‌କସ୍ (Haemonchus) ଏବଂ ମେଣ୍ଢା ଓ ଛେଳିମାନଙ୍କର ଗୋଲ କୃମିଗୁଡିକ ହେଲା ହିମୋଙ୍କୋସ ଇସୋଫେଗୋଷ୍ଟାମମ୍ ଏବଂ ବ୍ୟୁନୋଷ୍ଟାମମ୍ । ଏହି ରୋଗ ଦ୍ୱାରା ଆକ୍ରାନ୍ତ ପଶୁର ଲକ୍ଷଣଗୁଡିକ ହେଲା ଯେ ତରଳ ଝାଡା ଉପରକୁ ଦେଖାଯିବା ଓ ପଶୁଟି ଦୁର୍ବଳ ଦେଖାଯିବା । ମଝିରେ ମଝିରେ ଝାଡା ପରୀକ୍ଷା କରାଇ କୃମି ଥିଲେ ଔଷଧ ଦେଇ କୃମି ବିନାଶ କରିବା ଉଚିତ୍ । ପ୍ରତି ମାସରେ ଥରେ ଛୋଟ ଛୋଟ ପଶୁମାନଙ୍କ ଝାଡା ପରୀକ୍ଷା କରାଇ ଔଷଧ ଦେଲେ ଭଲ ଭାବରେ ସେମାନଙ୍କ ଶାରୀରିକ ବୃଦ୍ଧି ଘଟିଥାଏ ଓ କୃମିରୋଗ ମଧ୍ୟ ହୁଏ ନାହିଁ । ବାଛୁରୀ ପ୍ରସବ କରିବା ଦିନ ଗାଈକୁ କୃମିନାଶକ ଔଷଧ ଦେଲେ ଗାଈ ଅଧିକ ଦୁଗ୍ଧ ଦେଇଥାଏ ।

## ଟିଙ୍କ ଓ ଉକୁଣୀ

ଶରୀରର ଚର୍ମରେ ଲାଗିଥିବା ପରାଙ୍ଗଜୀବୀଗୁଡିକ ହେଲେ- ଟିଙ୍କ, ଉକୁଣୀ, ମଶା, ମାଛି, ଡାଆଁସ, କୁକୁର ମାଛି ପ୍ରଭୃତି । ଟିଙ୍କମାନେ ଶରୀରର ରକ୍ତ ଶୋଷି ନିଅନ୍ତି ଏବଂ ରୋଗ ପରିବହନ କରନ୍ତି । କେତେକ ''ଟିଙ୍କ ପକ୍ଷାଘାତ'' ରୋଗ ମଧ୍ୟ କରନ୍ତି । ଟିଙ୍କ ଓ ଉକୁଣୀ ପଶୁମାନଙ୍କୁ ବିବ୍ରତ କରନ୍ତି, ଯାହା ଫଳରେ ସେମାନେ ଅଶ୍ୱସ୍ତି ବୋଧ କରନ୍ତି ଓ ସେମାନଙ୍କଠାରୁ ଉତ୍ପାଦନ କମିଯାଏ । ଓଜନ ମଧ୍ୟ କମିଯାଏ । ଉକୁଣୀମାନେ ଚର୍ମରୋଗ (Mange) ଓ କବକ ରୋଗ କରାନ୍ତି । ଡାଆଁସ ଓ ମାଛିମାନେ ରକ୍ତ ଶୋଷନ୍ତି ଏବଂ ରୋଗର ବାହକ ଭାବରେ କାର୍ଯ୍ୟ କରନ୍ତି । ଏହି ପରାଙ୍ଗଜୀବୀମାନଙ୍କୁ (Ectoparasites) ଗାମାକ୍ସିନ୍, ଡିଡିଟି, ଆସୁନ୍‌ଟଲ, ମାଲାଥିଅନ୍, ବ୍ୟୁଟେକ୍ସ ପ୍ରଭୃତି ପାଉଡର ସିଞ୍ଚି ନିୟନ୍ତ୍ରଣ କରାଯାଇପାରିବ । ଗୁହାଳରେ ମଧ୍ୟ ଏହାକୁ ସ୍ପ୍ରେ କରାଯାଇ ଏମାନଙ୍କୁ ବିଲୋପ କରାଯାଇପାରିବ ।

## ଅନ୍ୟାନ୍ୟ ରୋଗ ଓ ଆପଦ୍‌କାଳୀନ ବ୍ୟବସ୍ଥା

ଆହୁରି କେତେକ ସାଧାରଣ ଅନିୟମିତ ରୋଗ ଅଛି, ଯାହାକି ପଶୁମାନଙ୍କୁ ଆକ୍ରମଣ କରିଥାଏ । ଯଥା - ହଜମ ସମସ୍ୟା, ପହ୍ନାରେ ରୋଗ ଓ ଘା', ଚିରରେ କ୍ଷତ ଏବଂ କେତେକ

ଆପଦ୍‌କାଳୀନ ରୋଗ । ପଶୁଡାକ୍ତରଙ୍କ ନିକଟକୁ ନେବା ପୂର୍ବରୁ ଘରେ ପ୍ରାଥମିକ ଚିକିତ୍ସା କରାଯାଇପାରିବ ।

### ହଜମ ସମସ୍ୟା

ଖରାପ ସ୍ୱାସ୍ଥ୍ୟର ପ୍ରଥମ ଲକ୍ଷଣ ହେଲା ଯେ ପଶୁଟି ଆଦୌ ଖାଇବ ନାହିଁ କିମ୍ବା ଖୁବ୍ କମ୍ ଖାଇବ ।

ଯଦି ପଶୁଟି ଦେହରେ ଜ୍ୱର ଥାଏ, ତେବେ ନିସ୍ତେଜ ଦେଖାଯିବ, ଦେହକୁ ଛୁଇଁଲେ ଗରମ ଲାଗିବ ଓ ଲୋମ ଟାଙ୍କୁରି ରହିବ, ଥୋମଣି ଶୁଖିଲା ଦେଖାଯିବ ଏବଂ ଆଖିରୁ ନେଜ୍ଞାରା ବୋହିବ । ଏପରି ଦେଖିଲେ ସଙ୍ଗେ ସଙ୍ଗେ ପଶୁଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ୍ । କୌଣସି ସାଧାରଣ ରୋଗ ନଥିଲେ ମଧ୍ୟ ବେଳେବେଳେ ହଜମ ସମସ୍ୟା ଦେଖାଯାଏ ।

### ପାଟି ଘା'

ମୁହଁରୁ ଲାଳ ବୋହିବାର ଦେଖିଲେ ପାଟି ଭିତରେ ଘା' ହୋଇଛି ବୋଲି ଜାଣିହେବ । ଏପରି ହୋଇଥିଲେ ଏକ ପ୍ରତିଶତ ପଟାସ୍ ପାଣିରେ ପାଟିକୁ ଧୋଇଦେବା ଦରକାର । (ଟିପେ ପଟାସ୍‌କୁ ବାଲଟିଏ ପାଣିରେ ମିଶାଇଲେ ଏକ ପ୍ରତିଶତ ପଟାସ୍ ପାଣି ହୁଏ) କିମ୍ବା ସେଥିରେ ବୋରୋଗ୍ଲିସେରିନ୍ ମିଶ୍ରଣ (ବୋରିକ୍ ଏସିଡ୍ ଓ ଗ୍ଲିସେରିନ୍‌କୁ ମିଶାଇ) ଲଗାଇବା ଦରକାର । ଏହି ଉଭୟ ଔଷଧ ଖୋଲା ବଜାରରେ ମିଳିଥାଏ । ପଶୁଟିକୁ ମକା ଜାତୀୟ ଶସ୍ୟର ପେଜ ପିଇବାକୁ ଦିଅନ୍ତୁ । ତତ୍‌ପରେ ପଶୁଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ । କାରଣ ପାଟି ଭିତରେ ଘା' ମଧ୍ୟ ଅନ୍ୟାନ୍ୟ ରୋଗ; ଯଥା - ଫାଟୁଆ, ଏଲାର୍ଜି, ଗୋମଡକ ରୋଗରେ ଦେଖାଯାଇଥାଏ ।

### କୋଷ୍ଠବଦ୍ଧତା ଏବଂ ଖାଦ୍ୟ ଗୁମା (ଗୋଟା ବନ୍ଧା) ରୋଗ (Impaction)

ସମୟେ ସମୟେ ରୋମନ୍ଥାଶୟ (Rumen)ରେ ଖାଦ୍ୟ ଅଟକିଯାଏ । ଫଳରେ କ୍ଷୁଧା ହୁଏ ନାହିଁ । ପଶୁଟି ରୋମନ୍ଥନ କରେ ନାହିଁ ଓ କୋଷ୍ଠକାଠିନ୍ୟ ହୁଏ । ହାତରେ ତରଳ ପାରାଫିନ୍, ତେଲ, ସାବୁନ ପାଣି ପ୍ରଭୃତି ତରଳ ପଦାର୍ଥ ଲଗାଇ ଓ ହାତକୁ ମଳଦ୍ୱାର ଭିତରେ ପୂରାଇ ଗୋବର ବାହାର କରିଦେଲେ ଉପଶମ ହୁଏ । ଏହି ପ୍ରଣାଳୀକୁ ପଶ୍ଚାତ୍‌ଟଣା (Back Racking) କୁହାଯାଏ । ମଳଦ୍ୱାରରେ ହାତ ପୂରାଇବା ପୂର୍ବରୁ ସାବୁନ ପାଣି କିମ୍ବା ଅନ୍ୟ ତରଳ ପଦାର୍ଥରେ (ତେଲ, ତରଳ ପାରାଫିନ୍ ପ୍ରଭୃତି) ହାତକୁ ଓଦା କରିବାକୁ ଭୁଲନ୍ତୁ ନାହିଁ । ହଜମି ଔଷଧ, ଯାହାକି ବଜାରରେ ମିଳୁଛି, ତାହାକୁ କିଣି ଗୁଡ ସହିତ ମିଶାଇ ଓ ଟେଳାଟିଏ କରି ପଶୁର ପାଟି ଭିତରର ଉପରି ଭାଗରେ ଘଷି ଦିଅନ୍ତୁ କିମ୍ବା ଜିଭରେ ଘଷି ଦିଅନ୍ତୁ । ପଶୁଟି ତାହାକୁ ସୁବିଧାରେ ଖାଇଥାଏ । ଆବଶ୍ୟକ ପଡିଲେ ପଶୁ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

### ଦାନ୍ତର ଅତ୍ୟଧିକ ବୃଦ୍ଧି (Overgrowth teeth)

କେତେକ ସମୟରେ ପଶୁଟି ଖାଦ୍ୟ ଚୋବାଇବାବେଳେ, ଖାଦ୍ୟ ପଦାରେ ପକାଇଥାଏ । ଏହା ଚର୍ବଣ ଦାନ୍ତର ଅତ୍ୟଧିକ ବୃଦ୍ଧି ଯୋଗୁଁ ହୋଇଥାଏ । ଏହାଦ୍ୱାରା ପଶୁଟି ଧୀରେ ଧୀରେ

ଦୁର୍ବଳ ହୋଇପଡେ ଓ କ୍ଷୀର ଉତ୍ପାଦନ କମିଯାଏ । ତେଣୁ ପଶୁଟିକୁ ପଶୁଡାକ୍ତରଖାନାକୁ ନେଇ ସେଠାରେ ଉହାଦ୍ୱାରା ଘଷି ଦାନ୍ତକୁ କମାଇ ଦିଅନ୍ତୁ ।

## ପୂୟକୋଷ (Cysts)

ଜିଭ ତଳେ ଥିବା ପୂୟକୋଷକୁ (Cysts) ବାହାର କରିଦିଆଯାଇ ପାରିବ । ଗୋଟିଏ ମୁନିଆ ସଫା ଛୁଞ୍ଚକୁ ତାହା ଭିତରକୁ ପ୍ରବେଶ କରାନ୍ତୁ, ପଟାସ ପାଣିରେ ସଫା କରିଦିଅନ୍ତୁ ଏବଂ ବୋରୋଗ୍ଲିସେରିନ୍ ମିଶ୍ରଣ ଲଗାନ୍ତୁ ।

## ପେଟ ଫମ୍ପା (Bloat)

ପାକସ୍ଥଳୀରେ ବାୟୁ ବା ଗ୍ୟାସ ଜମି ରହିଲେ, ତାହାକୁ ପେଟ ଫମ୍ପା କୁହାଯାଏ (ବାମ ପାଖ ଉପର ପେଟ) । ଅଧିକ ପରିମାଣରେ ରବି ଜାତୀୟ ଘାସ, ଶସ୍ୟ କିମ୍ବା ନଷ୍ଟ ହୋଇଥିବା ଶସ୍ୟ ଖାଇଲେ ଏହି ରୋଗ ହୋଇଥାଏ । ଭାରତୀୟ ପ୍ରଥା ଅନୁସାରେ ଲୋକେ ଗାଈକୁ ରୁଟି ଓ ଭାତ ଖାଇବାକୁ ଦିଅନ୍ତି । ଏହା ଫଳରେ ମଧ ପେଟ ଫମ୍ପା ରୋଗ ହୁଏ । ଲୋକେ ଗାଈଗୋରୁଙ୍କୁ ପଦାକୁ ଚରିବାକୁ ଛାଡିଦିଅନ୍ତି । ସେମାନେ ଅଳିଆ ଆବର୍ଜନା ଖାଆନ୍ତି । ଫଳରେ ମଧ ପେଟ ଫମ୍ପା ରୋଗ ହୋଇଥାଏ ଓ ଖାଦ୍ୟ ବିଷାକ୍ତ ରୋଗ ମଧ ହୋଇଥାଏ । କେତେକ କ୍ଷେତ୍ରରେ ଅତ୍ୟଧିକ ଭାବରେ ପେଟ ଫମ୍ପାଇ ଦେଲେ ପଶୁଟି ଅତିମାତ୍ରାରେ ଅଶ୍ୱସ୍ତି ବୋଧ କରେ ଓ ନିଃଶ୍ୱାସ ପ୍ରଶ୍ୱାସ ନେଇ ନପାରି ତାର ମୃତ୍ୟୁ ଘଟେ । ଏପରିସ୍ଥଳେ ବାମ ପଟ ପେଟକୁ କଣା କରିଦେଲେ ଗ୍ୟାସ୍ ବା ବାୟୁ ନିର୍ଗତ ହୋଇଯାଏ । ତତ୍ପରେ ୧୦ ରୁ ୧୫ ସେ.ମି. ତାରପିନ୍ ତେଲ (Turpentine) କୁ ସିରିଞ୍ଜରେ ନେଇ ସିଧାସଳଖ ପାକସ୍ଥଳୀରେ ଛାଡିଦିଅନ୍ତୁ । କାରଣ ପଶୁଟି ଶୋଇ ରହିଥିବାରୁ ଔଷଧ ଖୋଇବା ସମ୍ଭବ ନୁହେଁ । ଯଦି ପଶୁଟିର ଅବସ୍ଥା ଗୁରୁତର ହୋଇ ନଥିବ; ତେବେ ଯେ କୌଣସି ଖାଇବା ତେଲକୁ ବୋତଲରେ ପିଆଇ ଦିଅନ୍ତୁ ।

## ତରଳ ଝାଡା (Diarrhoea)

ତରଳ ଝାଡା ହେବାର ବହୁ କାରଣ ଥିବାରୁ, ସଙ୍ଗେ ସଙ୍ଗେ ପଶୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍ । ଯଦି କୃମି ନାଶକ ଔଷଧ ମଝିରେ ମଝିରେ ଦିଆଯାଏ ତେବେ ପଶୁଟିର ସବୁବେଳେ ତରଳ ଝାଡା ହେବ ନାହିଁ ।

କୃମିନାଶକ ଔଷଧ ପ୍ରୟୋଗ ନିର୍ଘଣ୍ଟ - ବାଛୁରୀଙ୍କୁ କୃମିନାଶକ ଔଷଧ ଦେବାର ପ୍ରଥମ ଦଫା ହେଲା ଜନ୍ମର ଏକ ସପ୍ତାହରୁ ୧୦ ଦିନ ମଧରେ । ଯଦି ଝାଡାରେ କୃମି ପଡିବାର ଦେଖାଯାଏ, ତେବେ ଗୋଟିଏ ସପ୍ତାହ ପରେ ପୁଣିଥରେ ଔଷଧ ଖୁଆନ୍ତୁ । ନଚେତ୍ ଦୁଇମାସରେ ଥରେ ଔଷଧ ଖୁଆନ୍ତୁ । ଗର୍ଭବତୀ ପଶୁକୁ ପ୍ରସବର ସପ୍ତାହେ ପୂର୍ବରୁ କୃମିନାଶକ ଔଷଧ ଦିଆଯାଇପାରିବ । ମାତ୍ର ଏହାକୁ ଦେବା ପୂର୍ବରୁ ପଶୁ ଚିକିତ୍ସକଙ୍କ ସହ ପରାମର୍ଶ କରିବା ଦରକାର ।

# ଆଘାତ (Injury)

## କ୍ଷତ (Wound)

ସଦ୍ୟ କଟିଯାଇଥିବା ଘା'ରେ ଟିନ୍‌ଚର ଆୟୋଡିନ୍ (Tr. Iodine) କିମ୍ବା ଟିନ୍‌ଚର ବେନ୍‌ଜିନ୍ (Tr. Benzoin) ଲଗାଇଲେ ଭଲ ହୋଇଯାଏ । ଯଦି କ୍ଷତ ଖୁବ୍ ଗଭୀର ହୋଇଥାଏ ଓ ସେଥିରୁ ରକ୍ତ ବାହାରୁଥାଏ, ତେବେ କ୍ଷତ ସ୍ଥାନ ଉପରକୁ ବାନ୍ଧି ଦେବା ଦରକାର ଓ କ୍ଷତ ସ୍ଥାନରେ ତୁଳାରେ ଟିନ୍‌ଚର ଆୟୋଡିନ୍ କିମ୍ବା ଟିନ୍‌ଚର ବେନ୍‌ଜିନ୍, ଲଗାଇଦେବା ଉଚିତ୍ । ଯଦି ସିଲାଇ କରିବା ଦରକାର ପଡେ, ତେବେ ପଶୁଚିକିତ୍ସକଙ୍କର ସାହାଯ୍ୟ ନେବା ଉଚିତ୍ ।ସାଧାରଣ ଘା' ହୋଇଥିଲେ, ନିମ ତେଲ ଲଗାଇଲେ ଭଲ ହେବ, କାରଣ ଏହାଦ୍ୱାରା ଘା'ରେ ମାଛି ବସିବେ ନାହିଁ ଏବଂ ପୋକ ହେବେ ନାହିଁ । ନିମତେଲ ଅଠାଳିଆ ଓ ଗନ୍ଧଯୁକ୍ତ ହୋଇଥିବାରୁ, ପଶୁଟି ମଧ୍ୟ ଏହାକୁ ଚାଟିବ ନାହିଁ ।

ଖୁରା ସନ୍ଧିରେ ଘା' ହୋଇଥିଲେ (ଫାଟୁଆ ଘା') ଖୁରାର ତଳ ଅଂଶରେ ଆଲକାତରା ଲଗାଇ ଦିଅନ୍ତୁ । ଏହା ବାଲିରେ ଘଷି ହୋଇ କ୍ଷତ ହେବାରୁ ଖୁରାକୁ ରକ୍ଷା କରେ ଓ ପଶୁଟି ଠିକ୍ ଭାବରେ ଭୂଇଁରେ ଗୋଡ ରଖିପାରେ ।

ପୋକ ଘା' ହୋଇଥିଲେ, କର୍ପୂର ବଟିକାକୁ ନଡିଆ ତେଲ କିମ୍ବା କିରୋସିନି ତେଲରେ ଗୋଳାଇ ଲଗାନ୍ତୁ । କିଛି ତୁଳାରେ ତାରପିନ୍ ତେଲ (Turpentine oil) ଭିଜାଇ ଘା'ରେ ଲଗାଇଲେ ପୋକ ମରିଯାଆନ୍ତି ଓ ଘା'ଟି ସଫା ରହେ । ତପ୍ର ଦିନ ଘା'ରେ ନିମତେଲ ଲଗାଇଲେ ଘା'ଟି ଶୀଘ୍ର ଶୁଖିଯାଏ । ପ୍ରତିଦିନ ଔଷଧ ପ୍ରୟୋଗ କରିବା ପୂର୍ବରୁ ମଲା ପୋକ ଓ ମଲା କୋଷଗୁଡିକୁ ବାହାର କରିଦେଇ ଘା' କୁ ଭଲଭାବରେ ସଫା କରିଦେବା ଦରକାର । ଏହି ଘା'ରେ କୌଣସି ଆଣ୍ଟିବାଇଓଟିକ୍ ଅଏଣ୍ଟମେଣ୍ଟ ଲଗାଇବା ଉଚିତ ।

## ଶିଙ୍ଗରେ କ୍ଷତ

ଗୋରୁଗାଈମାନେ ନିଜ ନିଜ ଭିତରେ ଲଢେଇ ଲାଗିଲେ କିମ୍ବା କୌଣସି ଦୁର୍ଘଟଣା ଘଟିଲେ ଶିଙ୍ଗରେ କ୍ଷତ ହୁଏ । ଟିନ୍‌ଚର ବେନ୍‌ଜିନ୍‌କୁ କିଛି ତୁଳାରେ ବୁଡାଇ ଶିଙ୍ଗରେ ଲଗାଇଦେଲେ ରକ୍ତକ୍ଷରଣ ବନ୍ଦ ହୋଇଯାଏ । (ଟିନ୍‌ଚର୍ ଫେରିପାରକ୍ଲୋର୍ ମଧ୍ୟ ଏହିପରି ତୁଳାରେ ଭିଜାଇ ଲଗାଯାଇପାରେ) । ଚାଷୀମାନେ ଏପରି କ୍ଷେତ୍ରରେ ଶିଙ୍ଗରେ ରଙ୍ଗ ଲଗାଇବା ଅନୁଚିତ୍ । କାରଣ ଏହାଦ୍ୱାରା ଶିଙ୍ଗ କର୍କଟ ରୋଗ ହୋଇପାରେ । ଶିଙ୍ଗର ଯେକୌଣସି କ୍ଷତକୁ ଅବହେଳା କିରବା ଅନୁଚିତ୍ । କାରଣ ଅବହେଳା କଲେ ଶିଙ୍ଗ କର୍କଟ ରୋଗ ହେବାର ସମ୍ଭାବନା ଥାଏ । ପ୍ରାଥମିକ ଚିକିତ୍ସାପରେ ପଶୁଚିକିତ୍ସକଙ୍କ ସାହାଯ୍ୟ ନେବା ଦରକାର ।

## ପହ୍ନା ଓ ଚିର

ପହ୍ନା ଓ ଚିରରେ ରୋଗ ନଥିଲେ, ଗୋପାଳନ କରିବାର ଉଦ୍ଦେଶ୍ୟ ପୂରଣ ହୋଇପାରିବ । ଯଦି ପହ୍ନା ଓ ଚିରରେ ସାମାନ୍ୟତମ କ୍ଷତ ହୁଏ କିମ୍ବା ପହ୍ନା ଓ ଚିରକୁ ଠିକ୍

ଭାବରେ ପରିଷ୍କାର କରିଛନ୍ନ ରଖା ନ ଯାଏ; ତେବେ ପହ୍ନାଫୁଲା ରୋଗ ହେବାର ସମ୍ଭାବନା ଥାଏ । ପହ୍ନା ଓ ଚିରରେ ସାମାନ୍ୟତମ କ୍ଷତ ହେଲେ କିମ୍ବା ପହ୍ନା ବା ଚିର ଫୁଲିଥିଲେ କିମ୍ବା କ୍ଷୀରରେ ରଙ୍ଗ କିମ୍ବା ଘନତ୍ୱର ବା ବହଳତ୍ୱର ବ୍ୟତିକ୍ରମ ବା ପରିବର୍ତ୍ତନ ଦେଖିଲେ, ପଶୁଟିକୁ ଅବହେଳା କରିବା ଅନୁଚିତ ।

ଶୀତଦିନେ ଚିରଗୁଡ଼ିକ ଫାଟିଗଲେ ଦୁଗ୍ଧ ଦୁହିଁ ସାରିବା ପରେ ଚିରରେ ସାଧାରଣ ଭେସ୍‌ଲିନ୍ ବା ଖାଇବା ତେଲ ଲଗାଇଦେବା ଉଚିତ୍ । ଯେକୌଣସି ସାମାନ୍ୟ କ୍ଷତକୁ ସଙ୍ଗେ ସଙ୍ଗେ ବିଶୋଧକ ଔଷଧ ମିଶା ପାଣିରେ ସଫାକରି ବିଶୋଧକ ମଲମ ଲଗାଇବା ଉଚିତ୍ । ମାତ୍ର ଦୁଗ୍ଧ ଦୁହିଁବା ପୂର୍ବରୁ ପହ୍ନା ଓ ଚିରକୁ ଭଲଭାବରେ ଧୋଇଦେଲେ ଔଷଧ ସଫା ହୋଇଯାଏ । ମାତ୍ର ଗଭୀର କ୍ଷତ ହେଉ ବା ସାମାନ୍ୟ ଫୁଲା ହେଉ, ଚିକିତ୍ସା ପାଇଁ ପଶୁଚିକିତ୍ସକଙ୍କ ପରାମର୍ଶ ନେବା ଦରକାର ।

ଯଦି କେବେ ଦୁଗ୍ଧର ଘନତ୍ୱ ବା ବହଳତ୍ୱରେ ସନ୍ଦେହ ଉପୁଜେ ତେବେ ଖଣ୍ଡେ କଳା ରଙ୍ଗର କନା ଉପରେ କିଛି ପରିମାଣ ଦୁଗ୍ଧ ଛାଣନ୍ତୁ । ଖଣ୍ଡ ଖଣ୍ଡ ବା ଛେଦା ଛେଦା ଅବଶିଷ୍ଟାଂଶ ରହୁଛି କି ନାହିଁ ଦେଖନ୍ତୁ । ଯଦି ରହୁଥାଏ, ଏପରି ଦୁଗ୍ଧକୁ ଅଲଗା ରଖନ୍ତୁ; କାରଣ ଖାଉଟିର ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇଥାଏ ଓ ପଶୁ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

### କୁକୁର କାମୁଡ଼ା

କୁକୁର କାମୁଡ଼ିଲେ ସଙ୍ଗେ ସଙ୍ଗେ ଚିକିତ୍ସା କରିବା ଦରକାର । କ୍ଷତ ସ୍ଥାନକୁ ୩/୪ ଥର ସାଧାରଣ ସାବୁନରେ ଭଲ ଭାବରେ ଧୋଇ ଦିଅନ୍ତୁ । କ୍ଷତ ସ୍ଥାନରେ ଟିଂଚର ଆୟୋଡ଼ିନ୍, ଏପରିକି ଡେଟଲ କିମ୍ବା ଫିନଲ୍ ଲଗାଇ ଦିଅନ୍ତୁ । କ୍ଷତରେ ଯେକୌଣସି ବିଶୋଧକ କିମ୍ବା ଏଣ୍ଟିବାଓଟିକ୍ ମଲମ ଲଗାଯାଇପାରିବ । ଯଦି ବେକ କିମ୍ବା ମୁହଁରେ କୁକୁର କାମୁଡ଼ିଥାଏ, ତେବେ ସଙ୍ଗେ ସଙ୍ଗେ ପଶୁଚିକିତ୍ସକଙ୍କୁ ଦେଖାଇ ଜଳାତଙ୍କ ରୋଗର ଟିକା ଦିଆଇବା ଦରକାର । ଯଦି ପାଗଳ କୁକୁର କାମୁଡ଼ି ନ ଥାଏ, ତେବେ ସାଧାରଣ ଘା'ର ଚିକିତ୍ସା ପରି ଚିକିତ୍ସା କରାଯାଇପାରିବ ।

## ବିଷଦ୍ୱାରା ଆକ୍ରାନ୍ତ ରୋଗୀ

### ସାପ କାମୁଡ଼ା

ମଜଭୁତ ଭାବରେ କ୍ଷତସ୍ଥାନ ଉପରକୁ ଦଉଡ଼ିଟିଏ ବାନ୍ଧି ଦିଅନ୍ତୁ । ସଙ୍ଗେ ସଙ୍ଗେ କ୍ଷତ ସ୍ଥାନକୁ ଛୁରି ସାହାଯ୍ୟରେ ଚିରି ଦିଅନ୍ତୁ ଓ ଗୋଟିଏ ଗରମ ହୋଇ ଲାଲ ପଡ଼ିଯାଇଥିବା ଲୁହାକୁ ସେହି କ୍ଷତ ସ୍ଥାନରେ ଲଗାଇ ଦିଅନ୍ତୁ । ଯଦି ସଙ୍ଗେ ସଙ୍ଗେ ସାପ କାମୁଡ଼ା ଇଞ୍ଜେକ୍ସନ୍ ନ ମିଳେ ତେବେ କଡ଼ା ପଟାସ୍ ପାଣି କିମ୍ବା ଟିଂଚର ଆୟୋଡ଼ିନ୍ (୩ ରୁ ୫ ପ୍ରତିଶତ) କିମ୍ବା କ୍ଲୋରିନ୍ ପାଣି କ୍ଷତ ସ୍ଥାନର ଚାରିପାଖରେ ଇଞ୍ଜେକ୍ସନ୍ ଦିଅନ୍ତୁ ।

## କାର୍ବନ ମନୋକ୍ସାଇଡ୍ ବିଷ

ପଶୁଟି ଯେପରି ପ୍ରଚୁର ବାୟୁ ପାଏ, ତାର ବ୍ୟବସ୍ଥା କରିବା ଦରକାର । ପଶୁଟିର ଚର୍ମକୁ ଥଣ୍ଡା ପାଣିରେ ଧୋଇ ପରିଷ୍କାର ରଖିବା ଦରକାର । ଆବଶ୍ୟକ ହେଲେ ପଶୁଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ୍ ।

## ଯେକୌଣସି ଅମ୍ଳ ବିଷାକ୍ତ ରୋଗରେ

ପଶୁଟିକୁ କ୍ଷୀର ଓ ପାଣି ପିଆନ୍ତୁ ।

## ଯେକୌଣସି କ୍ଷାର ବିଷାକ୍ତ ରୋଗରେ

ଖଟା ମଦ କିମ୍ବା ଘୋଳ ଦହି ପିଆନ୍ତୁ ।

## ଆୟୋଡିନ୍ ବିଷାକ୍ତ ରୋଗ

ପ୍ରଚୁର ପରିମାଣରେ ଶ୍ୱେତସାର (Starch) କିମ୍ବା ଅଣ୍ଡାର ଧଳା ଅଂଶ ଖୁଆନ୍ତୁ । ଝାଡା ହେବା ପାଇଁ ଔଷଧ ଖୁଆନ୍ତୁ ।

## ରୋଗ ପ୍ରାଦୁର୍ଭାବ ନିୟନ୍ତ୍ରଣ

ରୋଗର ପ୍ରାଦୁର୍ଭାବ ଦେଖାଯାଉଥିବା ଅଞ୍ଚଳମାନଙ୍କରେ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ନିମ୍ନଲିଖିତ ପଦକ୍ଷେପମାନ ନିଆଯିବା ଦରକାର ।

୧. ପଶୁଟିକୁ ପରୀକ୍ଷା କରାନ୍ତୁ ଓ ସଠିକ୍ ରୋଗ ନିରୂପଣ କରନ୍ତୁ ।
୨. ରୋଗାକ୍ରାନ୍ତ ହୋଇଥିବା ଓ ରୋଗାକ୍ରାନ୍ତ ପଶୁଙ୍କ ସଂପର୍କରେ ଆସିଥିବା ଓ ସୁସ୍ଥ ପଶୁମାନଙ୍କୁ ୩ ଭାଗରେ ବିଭକ୍ତ କରି ଅଲଗା ଅଲଗା କରିଦିଅନ୍ତୁ ।
୩. ରୋଗାକ୍ରାନ୍ତ ପଶୁଙ୍କର ଚିକିତ୍ସା କରାନ୍ତୁ ।
୪. ରୋଗାକ୍ରାନ୍ତ ପଶୁମାନଙ୍କ ସଂସ୍ପର୍ଶରେ ଆସିଥିବା ପଶୁମାନଙ୍କୁ ନିରୀକ୍ଷଣ କରନ୍ତୁ ।
୫. ସୁସ୍ଥ ପଶୁମାନଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ ।
୬. ମୃତ ପଶୁର ଶବକୁ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ । ୨ ମିଟର ଗଭୀରର ଗାତ ଖୋଳି ପୋତି ଦିଅନ୍ତୁ । ଶବ ଉପରେ ଚୂନ ପକାନ୍ତୁ ।
୭. ୩ ପ୍ରତିଶତ ଫିନଲ କିମ୍ବା ଲାଇସଲ୍‌ରେ ଗୁହାଳ ଓ ତାର ଚାରିପାଖ ବିଶୋଧନ କରନ୍ତୁ ।
୮. ରୋଗାକ୍ରାନ୍ତ ପଶୁମାନଙ୍କ ପାଇଁ ଅଲଗା ଦେଖାଶୁଣା ଲୋକ ରଖନ୍ତୁ । ଯଦି ଏହା ସମ୍ଭବ ନ ହୁଏ, ତେବେ ପ୍ରଥମେ ଲୋକଟି ସୁସ୍ଥ ପଶୁଙ୍କୁ ଦେଖାଶୁଣା କଲା ପରେ ବେମାର ପଶୁମାନଙ୍କର ଦେଖାଶୁଣା କରିବ ।

## ଗୋପାଳନର ଆର୍ଥିକ ଦିଗ

ତଳେ ଦୁଇଟି ସଙ୍କର ଗାଈ ବିଶିଷ୍ଟ ଡାଏରୀ ୟୁନିଟ୍‌ର ଆନୁମାନିକ ଖର୍ଚ୍ଚ ଦିଆଯାଇଛି । ଗାଁଗହଳିରେ ବିଭିନ୍ନ ବ୍ୟାଙ୍କ ଓ ଅର୍ଥ ଯୋଗାଣକାରୀ ସଂସ୍ଥା ଡାଏରୀ ଫାର୍ମ ପାଇଁ ଅର୍ଥ ଯୋଗାଇ

ଥାଆନ୍ତି । ସବିଶେଷ ଜାଣିବା ପାଇଁ ନିକଟସ୍ଥ ପଶୁଚିକିତ୍ସକଙ୍କ ସହିତ ପରାମର୍ଶ କଲେ ଜାଣିପାରିବେ । ବଡ ଧରଣର ଡାଏରୀ ଫାର୍ମ କରିବାକୁ ଚାହୁଁଥିଲେ, ଓଡ଼ିଶା ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟ ଠାରେ ପଶୁଧନ ବିପଣନ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

| | | | |
|---|---|---|---|
| ୧. | ଗାଈର ପ୍ରକାର (୨ଟି ସଙ୍କର ଗାଈ) | | ୮ ଲିଟର ବିଶିଷ୍ଟ ଗାଈ |
| ୨. | ଗାଈ କିଣିବା ପାଇଁ (୨ଟି ଗାଈ) | ଟ. | ୧୬,୦୦୦.୦୦ |
| ୩. | ପ୍ରଥମ ଗାଈର ଜୀବନ ବୀମା ଖର୍ଚ୍ଚ | ଟ. | ୪୮୦.୦୦ |
| ୪. | ଗୋ-ଖାଦ୍ୟ ପ୍ରଥମ ଗାଈ ପାଇଁ (୧ ମାସ) | ଟ. | ୫୦୦.୦୦ |
| ୫. | ଗୁହାଳ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ | ଟ. | ୧,୫୦୦.୦୦ |
| | ସମୁଦାୟ ଖର୍ଚ୍ଚ | ଟ. | ୧୮,୪୮୦.୦୦ |
| | ବା | ଟ. | ୧୮,୫୦୦.୦୦ |

## ପ୍ରତିଷେଧକ ଟିକା ନିର୍ଘଣ୍ଟ

| କ୍ର.ସଂ. | ରୋଗର ନାମ | କେବେ ଦିଆଯାଏ | ରୋଗ ପ୍ରତିରୋଧକ ଶକ୍ତି ରହିବାର ସମୟ | କେଉଁ ପ୍ରକାରର ପଶୁଙ୍କୁ ଟୀକା ଦିଆଯିବ |
|---|---|---|---|---|
| ୧. | ସାହାଣା | ଅପ୍ରେଲ୍ ରୁ ଜୁନ୍ ଅକ୍ଟୋବର ରୁ ଡିସେମ୍ବର | ବର୍ଷରେ ଦୁଇଥର | ୩ ବର୍ଷରୁ ଉର୍ଦ୍ଧ୍ୱ ବୟସର ବାଛୁରୀ, ଗୋରୁ, ମଇଁଷି |
| ୨. | ବଜବଜିଆ | ଅପ୍ରେଲ୍ ରୁ ଜୁନ୍ ଅକ୍ଟୋବର ରୁ ଡିସେମ୍ବର | ବର୍ଷରେ ଦୁଇଥର | ୨ ମାସରୁ ୩ ବର୍ଷ ବୟସର ବାଛୁରୀ, ମଇଁଷି ବାଛୁରୀ |
| ୩. | ଗୋମଡକ | ବର୍ଷର ସବୁ ସମୟରେ | ବର୍ଷରେ ଥରେ | ୨ ମାସ ଓ ତଦୁର୍ଦ୍ଧ୍ୱ ବୟସର ଗୋରୁ ଓ ମଇଁଷି |
| ୪. | ଫାଟୁଆ | ବର୍ଷରେ ଥରେ | ବର୍ଷରେ ଥରେ | ୨ ମାସ ଓ ତଦୁର୍ଦ୍ଧ୍ୱ ବୟସର ଗୋରୁ ଓ ମଇଁଷି |
| ୫. | ପ୍ଲିହା ଜ୍ୱର | ବର୍ଷର ଜାନୁଆରୀ ମାସରେ-- | ବର୍ଷରେ ଥରେ | ୨ ମାସ ଓ ତଦୁର୍ଦ୍ଧ୍ୱ ବୟସର ଗୋରୁ ଓ ମଇଁଷି |